**୫ରୁ ଜିଲା କବାଡ଼ି ପ୍ରତିଯୋଗିତା**

ବାଲେଶ୍ୱର,(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲା ପୁରୁଷ ଓ ମହିଳା କବାଡ଼ି ପ୍ରତିଯୋଗିତା ଆସନ୍ତା ନଭେମ୍ବର ୫ ଓ ୬ ତାରିଖରେ ହେବ ବୋଲି ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଧାପ ଦାସ ଜଣାଇଛନ୍ତି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆଗ୍ରହୀ ଶିକ୍ଷାନୁଷ୍ଠାନ ଓ ସଂଗଠନର ପ୍ରତିଯୋଗୀମାନେ ଆସନ୍ତା ୩ ତାରିଖ ସୁଦ୍ଧା ପଞ୍ଜୀକରଣ କରିବେ। ଅଧିକ ଜାଣିବା ପାଇଁ ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ ଏବଂ ବିରେନ୍ଦ୍ର କୁମାର ସ୍ୱାଇଁଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି।

**ବାଲେଶ୍ୱର**

# କମୁଛି ଜଳସ୍ତର, ବଢୁଛି ଦୁର୍ଦ୍ଦଶା

- ଉଜୁଡ଼ିଗଲା ୪,୩୯୬ ହେକ୍ଟର ଧାନ ଚାଷ
- ୩୯୫ ହେକ୍ଟର ପରିବା ଚାଷ କ୍ଷତିଗ୍ରସ୍ତ

ବାଲେଶ୍ୱର,୨୮।୧୦(ବାଞ୍ଛାନିଧି ଦେ)


ପାଣିରେ ଶୋଇପଡ଼ିଥିବା ଧାନ ଗଛ।

ବାତ୍ୟା 'ଦାନା'ର ପ୍ରକୋପ କମିବା ପରେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି। ବାଲେଶ୍ୱର ଜିଲାରେ ବର୍ଷା ଓ ପବନ ପ୍ରଭାବରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ପ୍ରାରମ୍ଭିକ ଆକଳନ ଅନୁସାରେ ଜିଲାର ୧୨ଟି ବ୍ଲକ ଅନ୍ତର୍ଗତ ୧୩୨ ପଞ୍ଚାୟତର ୫୫୦ ଗ୍ରାମରେ ୪,୭୯୧ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ସେଥିରୁ ୪,୩୯୬ ହେକ୍ଟର ଧାନଚାଷ ଓ ୩୯୫ ହେକ୍ଟର ପନିପରିବା ଚାଷ ବର୍ଷା ଜଳ ଦ୍ୱାରା ପ୍ରଭାବିତ ହୋଇଛି। ଏପରିକି ବର୍ଷା ଓ ପବନରେ ଧାନ ଗଛ ସବୁ ଶୋଇ ଯାଇଥିବାରୁ ଅମଳ ଆଶା ମଉଳି ଯାଇଛି। ଅପରପକ୍ଷରେ ବାଲେଶ୍ୱର ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ, ଜଳକା ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ହ୍ରାସ ପାଉଥିଲେ ହେଁ ରେମୁଣା ଓ ସଦର ବ୍ଲକର ୬ ପଞ୍ଚାୟତର ୨୦ ଗାଁ ଏବେବି ପାଣି ଘେରରେ ରହିଛି। ବିପନ୍ନ ପରିବାରଙ୍କୁ ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳୀରେ ରଖାଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯାଉଛି।

ଜିଲା କୃଷି କାର୍ଯ୍ୟାଳୟରୁ ମିଳିଥିବା ପ୍ରାଥମିକ ତଥ୍ୟ ଅନୁସାରେ ଚଳିତବର୍ଷ ଜିଲାର ୧୨ଟି ବ୍ଲକରେ ୧ଲକ୍ଷ ୯୭ହଜାର ୭୭ହେକ୍ଟର ଜମିରେ ଧାନ ଓ ୨୯ହଜାର ୨୬୩ହେକ୍ଟର ଜମିରେ ଅଣଧାନ (ପନିପରିବା ଓ ତୈଳବୀଜ) ଚାଷ ହୋଇଥିଲା। ବାତ୍ୟା ପ୍ରଭାବରେ ସଦର ବ୍ଲକର ୩ ପଞ୍ଚାୟତରେ ୨୬୮ହେକ୍ଟର ଧାନ ଚାଷ ଓ ୨୭ ହେକ୍ଟର ଅଣଧାନ ଚାଷ ଜମି ପାଣିରେ ବୁଡ଼ି ରହିଛି। ସେହିପରି ରେମୁଣା ବ୍ଲକର ୧୭ ପଞ୍ଚାୟତରେ ୩୬୦ ହେକ୍ଟର ଧାନ ଓ ୨୮ ହେକ୍ଟର ଅଣଧାନ, ବସ୍ତା ବ୍ଲକର ୬ ପଞ୍ଚାୟତରେ ୩୯୨ ହେକ୍ଟର ଧାନ ଓ ୧୬ ହେକ୍ଟର ଅଣଧାନ, ଜଳେଶ୍ୱର ବ୍ଲକର ୬ ପଞ୍ଚାୟତର ୮୭ ହେକ୍ଟର ଧାନ ଓ ୩୦ ହେକ୍ଟର ଅଣଧାନ, ବାଲିଆପାଳ ବ୍ଲକର ୬ ପଞ୍ଚାୟତର ୧୨୫ ହେକ୍ଟର ଧାନ ଓ ୧୦ ହେକ୍ଟର ଅଣଧାନ, ଭୋଗରାଇ ବ୍ଲକର ୩୩ ପଞ୍ଚାୟତର ୨୦୪ ହେକ୍ଟର ଧାନ ଓ ୨୮ ହେକ୍ଟର ଅଣଧାନ, ସୋର ବ୍ଲକର ୧୬ ପଞ୍ଚାୟତର ୨୫୦ ହେକ୍ଟର ଧାନ ଓ ୩୦ ହେକ୍ଟର ଅଣଧାନ, ବାହାନଗା ବ୍ଲକର ୧୨ ପଞ୍ଚାୟତର ୩୦୦ ହେକ୍ଟର ଧାନ ଓ ୫୦ ହେକ୍ଟର ଅଣଧାନ, ସିମୁଳିଆ ବ୍ଲକର ୪ ପଞ୍ଚାୟତର ୨୫୦ ହେକ୍ଟର ଧାନ ଓ ୩୦ ହେକ୍ଟର ଅଣଧାନ, ଖଇରା ବ୍ଲକର ୧୨ ପଞ୍ଚାୟତର ୪୬୦ ହେକ୍ଟର ଧାନ ଓ ୪୫ ହେକ୍ଟର ଅଣଧାନ, ନୀଳଗିରି ବ୍ଲକର ୧୦ ପଞ୍ଚାୟତର ୧୪୦୦ ହେକ୍ଟର ଧାନ ଓ ୮୧ ହେକ୍ଟର ଅଣଧାନ ଏବଂ ଔପଦା ବ୍ଲକର ୭ ପଞ୍ଚାୟତର ୩୦୦ ହେକ୍ଟର ଧାନ ଓ ୨୦ ହେକ୍ଟର ଅଣଧାନ ଚାଷ ହୋଇଥିବା ଜମି ବର୍ଷା ଓ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି।

ଏ ନେଇ କୃଷି ଜିଲା ଅଧିକାରୀ ତୁଷାରକାନ୍ତି ତୁଙ୍ଗ କହିଛନ୍ତି, ରାଜସ୍ୱ ଓ କୃଷି ବିଭାଗ ମିଳିତ ଆନୁକୂଲ୍ୟରେ ଫସଲ କ୍ଷୟକ୍ଷତି ସମ୍ପର୍କରେ ସର୍ଭେ ଜାରି ରହିଛି। ପ୍ରାଥମିକ ପର୍ଯ୍ୟାୟର ଏହି କ୍ଷୟକ୍ଷତି ଆକଳନ ବୃଦ୍ଧି ପାଇବାର ଆଶଙ୍କା ରହିଛି।

## ୩୦ ଏକରରୁ ଊର୍ଦ୍ଧ୍ୱ ପରିବା ଚାଷ ନଷ୍ଟ


ନଷ୍ଟ ହୋଇଥିବା ପରିବା ଚାଷ।

ନୀଳଗିରି,୨୮।୧୦(ପ୍ରଶାନ୍ତ ବିଶ୍ୱାଳ)

ସୋନ ନଦୀର ବନ୍ୟା ପାଣି ମାଡ଼ି ୩୦ ଏକରରୁ ଊର୍ଦ୍ଧ୍ୱ ପରିବା ଚାଷ ନଷ୍ଟ ହୋଇଛି। ଚାଷ ଜମିରେ ପଟୁ ମାଟି ମାଡ଼ିଯିବାରୁ ୩ଟି ଗାଁର ଶତାଧିକ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। କିଭଳି ଋଣ ଶୁଝିବେ ଓ ପରିବାର ପ୍ରତିପୋଷଣ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ନୀଳଗିରି ବ୍ଲକ ମଛୁଆ ପଞ୍ଚାୟତର ସିଙ୍ଗିରୀ, ବଡ଼କାଳିଆପଦା, ସାନକାଳିଆପଦା ଗ୍ରାମର ଶତାଧିକ ଚାଷୀ ସୋନ ନଦୀ ଅବବାହିକାରେ ୩୦ ଏକରରୁ ଊର୍ଦ୍ଧ୍ୱ ଜମିରେ ପରିବା ଚାଷ କରିଥିଲେ। ହେଲେ ବାତ୍ୟା 'ଦାନା'ର ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ କାଳ ଓ ସୁନେଇ ଡ୍ୟାମର ଜଳସ୍ତର ବଢ଼ିଥିଲା। ଫଳରେ ଗତ ୨୫ ତାରିଖ ବିଳମ୍ବିତ ରାତିରେ ଗେଟ୍ ଖୋଲାଯିବାରୁ ହଠାତ ସୋନ ଓ ଘାଘରା ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ନଦୀ ଅବବାହିକାରେ ଥିବା ସିଙ୍ଗିରୀ, ରାମଗଡ଼ ପାଳର ପରିବା ଘେରୀରେ ପାଣି ପଶିଯାଇଥିଲା। ୩ଦିନ ଧରି ପରିବା ଘେରି ଗୁଡ଼ିକରେ ପାଣି ଚାଲିଥିଲା। ଫଳରେ ଚାଷ ହୋଇଥିବା ୩୦ ଏକରରୁ ଊର୍ଦ୍ଧ୍ୱ ପରିବା ଚାଷ ସମ୍ପୂର୍ଣ୍ଣ ଭାବରେ ପାଣିରେ ବୁଡ଼ି ଗଛଗୁଡ଼ିକରେ ପଟୁ ଚଢ଼ି ଯିବାରୁ ପରିବାଗଛର ପତ୍ର ଓ ଫୁଲ ପଚିଯାଇ ନଷ୍ଟ ହୋଇଯାଇଛି। ଏକର ଏକର ଚାଷଜମିରେ କୁନ୍ଦୁରୀ, ବାଇଗଣ, ଜହ୍ନି, କଲରା, କାକୁଡ଼ି, ଛଚିନ୍ଦ୍ରା, ବନ୍ଧାକୋବି, ଫୁଲକୋବି, ଅମୃତଭଣ୍ଡା, କାକୁଡ଼ି, ପୋଟଳ, ଝୁଡ଼ଙ୍ଗ, ବିମ୍ବ ଆଦି ପରିବା ଚାଷ ହୋଇଥିଲା। କେତେକ ଚାଷୀ ମଧ୍ୟ ହଜାର ହଜାର ଟଙ୍କା ଖର୍ଚ୍ଚ କରି ମଞ୍ଜି ପକାଇଥିଲେ। ପାଣି ଆସିବା ଫଳରେ ସମସ୍ତ ବିହନମଞ୍ଜି ଓ ଛୋଟଛୋଟ ଚାରା ଗୁଡ଼ିକ ଭାସିଯାଇଛି। ଯେଉଁ ଚାଷ ଗୁଡ଼ିକରେ ଫୁଲ ଆସିଯାଇଥିଲା ସେଗୁଡ଼ିକ ପଟୁ ଚଢ଼ିବା କାରଣରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ଚଳିତବର୍ଷ ଭଲ ପାଣିପାଗ ଥିବା କାରଣରୁ ଭଲ ଚାଷ ମଧ୍ୟ ହୋଇଥିଲା। ଚାଷୀମାନେ ଧାର କରଜ କରି ଚାଷ କରିଥିବା ବେଳେ ପରିବାଚାଷରୁ ନିଜର ପେଟ ପୋଷୁଥିଲେ। ହେଲେ ପାଣି ପଶି ଚାଷ ନଷ୍ଟ ହେବାରୁ ସେମାନଙ୍କର ଆର୍ଥିକ ମାନଦଣ୍ଡ ସମ୍ପୂର୍ଣ୍ଣ ଦୋହଲିଯାଇଛି। ଚାଷୀ ସର୍ବେଶ୍ୱର ମହାନ୍ତି କହିଛନ୍ତି ଯେ, ବାତ୍ୟାରେ ଏତେ କ୍ଷୟକ୍ଷତି ହେବ ବୋଲି ଭାବି ନ ଥିଲୁ। ହେଲେ ରାତି ଅଧିଆ ଯେଉଁ ପାଣି ମାଡ଼ି ଆସିଲା ଆମେ କିଛି କରିପାରିଲୁନି କି ପରିବା ବାଡ଼ିକୁ ଆସି ପରିବା ବି ତୋଳିକି ନେଇପାରିଲୁନି। ଏବେ ସବୁ ନଷ୍ଟ ହେଇଗଲା। ତୁରନ୍ତ ସ୍ଥାନୀୟ ପ୍ରସାଶନ ଯାଞ୍ଚ କରି କ୍ଷୟକ୍ଷତି ରାଶି ପ୍ରଦାନ କଲେ ପୁଣିଥରେ ଚାଷ କାର୍ଯ୍ୟ କରିପାରିବେ ବୋଲି ଚାଷୀ ଚକ୍ରଧର ମହାର୍ଣ୍ଣା, ବୈଦନାଥ ସାମଲ, ନିଦ୍ରାବତୀ ସାମଲ, ଗଦାଧର ସାମଲ, ଚକ୍ରଧର କର, ବଂଶୀଧର ମହାର୍ଣ୍ଣା, ଅନନ୍ତ ମାହାର୍ଣ୍ଣା, ଗଜେନ୍ଦ୍ର ବେହେରା, ମନୋଜ ବେହେରା, ତରଣୀ ସାମନ୍ତରାୟ, ହଳଧର ସାମନ୍ତରାୟ, ସୁମିତ୍ରା ସାମନ୍ତରାୟ ପ୍ରମୁଖ ନିବେଦନ କରିଛନ୍ତି।

## ଅର୍ଥ ଲଗାଣକାରୀ ସଂସ୍ଥା ଦ୍ୱାରା ଠକେଇ ଅଭିଯୋଗ

ଜଳେଶ୍ୱର(ରବିନାରାୟଣ ପାତ୍ର)/ (ନବୀନ ସାହୁ),୨୮।୧୦

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଚିଟଫଣ୍ଡ ଭଳି ଅର୍ଥଲଗାଣକାରୀ ଠକ ସଂସ୍ଥା ସକ୍ରୀୟ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଠକାମୀର ଶିକାର ହୋଇଥିବା ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ସୋମବାର ପୋଲିସ ଏପରି ଏକ ସଂସ୍ଥାର ମାଲିକଙ୍କୁ ଥାନାରେ ଅଟକ ରଖିଛି ।

ସୂଚନା ଅନୁଯାୟୀ, ଜଳେଶ୍ୱର ନୂଆବଜାରସ୍ଥିତ ତହସିଲ କାର୍ଯ୍ୟାଳୟ ନିକଟରେ 'ଦାରୁଇନ୍‌ଫାଇନାନ୍ସକର୍ପୋରେଟ' ନାମକ ଏକ ଅର୍ଥ ଲଗାଣକାରୀ ସଂସ୍ଥା ଚାଲିଥିଲା। ଏହି ସଂସ୍ଥାରେ ୧ଲକ୍ଷ ଟଙ୍କା ଜମା ରଖିଲେ ମାସିକ ୩ହଜାର ଟଙ୍କା ମିଳିବା ସମ୍ପର୍କରେ କେତେକ ଏଜେଣ୍ଟ ବିଶ୍ୱାସ ଜନ୍ମାଇଥିଲେ। ଭୋଗରାଇ କଣ୍ଟାବଣି ଗାଁର ଜଣେ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀ ୨୦୨୨ ଫେବୃୟାରୀ ମାସରୁ ଏଠାରେ ରହି ଏହି ସଂସ୍ଥା ଚଳାଇ ଆସୁଥିଲେ। ଜଳେଶ୍ୱର ଷ୍ଟେଶନ ବଜାର ନିବାସୀ ଶିବଶଙ୍କର ଦାସ ଏହି ସଂସ୍ଥାରେ ୨ ଥରରେ ୨ଲକ୍ଷ ୨୫ ହଜାର ଟଙ୍କା ଜମା ଦେଇଥିଲେ। ସେୟାର ମାର୍କେଟ ଅନୁଯାୟୀ ଅର୍ଥ ପାଇବାକୁ ଚାହିଁଥିଲେ। କିନ୍ତୁ ଅର୍ଥ ଫେରି ନ ପାଇବାରୁ ଶିବଶଙ୍କର ଗତ ଜୁଲାଇ ୨୫ତାରିଖରେ ଉକ୍ତ ସଂସ୍ଥା ନାଁରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜଳେଶ୍ୱର ପୋଲିସ ଏ ସମ୍ପର୍କରେ ତଦନ୍ତ ଜାରି ରଖିଥିଲା। ସୋମବାର ଭୋର ସମୟରେ ୩୫ଜଣ ଜମାକାରୀ ସଂସ୍ଥାର ମୁଖ୍ୟଙ୍କ ନୂଆବଜାରସ୍ଥିତ ଭଡ଼ାଘରେ ଭିଡ଼ ଜମାଇଥିଲେ। ପରେ ପୋଲିସ ସଂସ୍ଥା ମାଲିକଙ୍କୁ ଥାନାକୁ ନେଇ ଅଟକ ରଖିଛି।

## ଦୁର୍ନୀତି ବିରୋଧରେ ଦସ୍ତଖତ ଅଭିଯାନ

### ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ଶପଥପାଠ


କୁଳପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶପଥପାଠ କାର୍ଯ୍ୟକ୍ରମ।

ବାଲେଶ୍ୱର,୨୮।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସୋମବାର ସାମୂହିକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କୁଳସଚିବ କୁକୁମୀନା ଦାସ, ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ସମସ୍ତ ଅଧ୍ୟାପିକାଅଧ୍ୟାପକ, ପ୍ରଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଏହି ସାମୁହିକ ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷର ବିଷୟବସ୍ତୁ 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି'କୁ ହୃଦୟଙ୍ଗମ କରି ଏକ ଦୁର୍ନୀତିମୁକ୍ତ ଓ ସୁସ୍ଥ ସମାଜ ଗଠନରେ ଯୋଗଦାନ କରାଯିବା ନେଇ ସମସ୍ତେ ସଚେତନ ରହିବା ଆବଶ୍ୟକ ଏବଂ ଏ କ୍ଷେତ୍ରରେ ଅଧିକ ଯତ୍ନଶୀଳ ହେବା ନିମନ୍ତେ ବାର୍ତ୍ତା ଗ୍ରହଣ କରି ଶପଥପାଠ କରିଥିଲେ। ଏହି ଅବସରରେ 'ଦୁର୍ନୀତି ବିରୋଧରେ ଦସ୍ତଖତ ଅଭିଯାନ'ରେ ସାମିଲ ହୋଇ ସମସ୍ତ ଅଧିକାରୀମାନଙ୍କ ସମେତ ବିଭାଗୀୟ ମୁଖ୍ୟ, ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଗଣ ନିଜ ନିଜର ସ୍ୱାକ୍ଷର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଅକ୍ଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଏ।

## ଜାନୁଆରୀ ୧୦ରେ ଜୟନାରାୟଣ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ) /କାଳିପଦା(ରାଜଶ୍ରୀ ପାଣିଗ୍ରାହୀ) ,୨୮।୧୦

ଆସନ୍ତା ଜାନୁଆରୀ ୧୦ ତାରିଖରେ ପୂର୍ବତନ ବିଧାୟକ ଜନ ନେତା ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପୂର୍ଣ୍ଣାବୟାବ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବ ବୋଲି ସୋମବାର ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ ବାଲିଆପାଳ ଶୁଭମ ଗେଷ୍ଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରାଯାଇଛି।

ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ସତ୍ୟକାମ ଓ ଦିବ୍ୟକାମଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ସମ୍ମିଳନୀରେ ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ହୃଦୟରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ଖବରଦାତା ସମ୍ମିଳନୀର ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ, ବ୍ରଜ କିଶୋର ଭୂୟାଁ, ପ୍ରଫୁଲ୍ଲ କୁମାର ସାହୁ, ଇଂ. ସୁଶାନ୍ତ ଚକ୍ରବର୍ତ୍ତୀ, ଡ. ସୁଶାନ୍ତ କୁମାର ଦାସ, ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ମଧୁସୂଦନ ସାହୁ, ଅମରେନ୍ଦ୍ର ପାତ୍ର, ଖବରଦାତା ଅଜୟ କୁମାର ସାହୁ, ଅଧ୍ୟାପକ ସୁକାନ୍ତ କୁମାର ଗିରି, ଖବରଦାତା ପ୍ରତାପ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ପାତ୍ର, ବ୍ୟୋମକେଶ ସାହୁ, ଅଶୋକ ବାଗ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ। ଆସନ୍ତା ଜାନୁଆରୀ ୯ ତାରିଖରେ ସ୍ୱର୍ଗତ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ହେବ ଏବଂ ୧୦ ତାରିଖରେ ବ୍ଲକ୍ ଛକ ଇନ୍ଦିରା ପାର୍କରେ ପୂର୍ଣ୍ଣାବୟାବ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ତାଙ୍କ ବାସ ଭବନରେ ସ୍ମୃତି ସଭା ଓ ସ୍ମରଣିକା ପ୍ରକାଶ ପାଇବ ବୋଲି କମିଟିର ସଦସ୍ୟମାନେ ସୂଚନା ଦେଇଥିଲେ। ଏ ନେଇ ଆସନ୍ତା ନଭେମ୍ବର ୩ତାରିଖରେ ପରିଷଦ ପକ୍ଷରୁ ପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସଭାପତି ତ୍ରିପାଠୀ ପ୍ରକାଶ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିମୁଳିଆ ବିଧାୟକ

### ଖଇରା, ସିମୁଳିଆକୁ ବାତ୍ୟା ସହାୟତା ପାଇଁ ଦାବି

ଖଇରା,୨୮।୧୦(ଉତ୍କଳବନ୍ଧୁ ପଣ୍ଡା)


ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ ସୋମବାର ବାଲେଶ୍ୱର ବାତ୍ୟାଞ୍ଚଳ ପରିଦର୍ଶନ କରିଥିଲେ।। ଏହି ଅବସରରେ ଚାନ୍ଦିପୁରଠାରେ ଜିଲା ପ୍ରଶାସନ ସହ ବାତ୍ୟା ସମ୍ପର୍କରେ ସମୀକ୍ଷା କରିଥିବା ବେଳେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିମୁଳିଆ ଓ ଖଇରାରେ ବନ୍ୟା ବାତ୍ୟା ପରିସ୍ଥିତି ନେଇ ଆଲୋଚନା କରିଥିଲେ। କିଭଳି ଅଧିକରୁ ଅଧିକ ସହାୟତା ମିଳିବ ସେଥିନେଇ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ବିଧାୟକ କହିଛନ୍ତି,ସେ ଖଇରା ବ୍ଲକରୁ ଆସିଥିବା ରିପୋର୍ଟକୁ ଏସ୍ଆର୍‌ସିଙ୍କୁ ପ୍ରଦନ କରିବା ସହ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଖଇରା କୌଣସୀ ପରିସ୍ଥିତିରେ ବାଦ୍ ପଡ଼ିବ ନାହିଁ ବୋଲି କହିଛନ୍ତି। ତେବେ ଖଇରା ବନ୍ୟାଞ୍ଚଳରୁ ବାଦ ପଡିବା ନେଇ ସୋମବାର ଖଇରାରେ ଜୋରଦାର ଆଲୋଚନା ହେଉଛି।

## ଆହତଙ୍କ ଚିକିତ୍ସାକୁ ନେଇ ଅଗ୍ନିଶମ ଅଧିକାରୀ- ଡାକ୍ତର ମୁହାଁମୁହିଁ

ଖଇରା,୨୮।୧୦(ଉତ୍କଳବନ୍ଧୁ ପଣ୍ଡା)

ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ମେଡିକାଲ ନେଇ ଯାଇଥିବା ଖଇରା ଅଗ୍ନିଶମ ଅଧିକାରୀ ଓ ତାଙ୍କ ଟିମ୍ ସହ ଖଇରା ମେଡିକାଲ ଦାୟିତ୍ୱରେ ଥିବା ଡାକ୍ତର ମୁହାଁମୁହିଁ ହୋଇଛନ୍ତି। ସୋମବାର ଅପରାହ୍ନରେ ସୋର-କୁପାରୀ ରାସ୍ତାରେ ଖଇରାରୁ କୁପାରୀ ଅଭିମୁଖେ ଯାଉଥିବା ଏକ ଅଟୋ କୋଚିଆକୋଇଲି ନିକଟରେ ଭାରାସାମ୍ୟ ହରାଇ ପୋଲ କଡ଼ରେ ଥିବା ପାଚେରିକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ଡ୍ରାଇଭର ନହଙ୍ଗ ଗ୍ରାମର ପୀତବାସ ମହାରଣାଙ୍କ ପୁଅ ଦୀପକ ଓ ଯାତ୍ରୀ ଶିଙ୍ଗିଡି ପାଣିଛତ୍ର ଗ୍ରାମର ଭାସ୍କର ମହାନ୍ତିଙ୍କ ପୁଅ ନାରାୟଣ ଗୁରୁତର ହୋଇଥିଲେ। ଅଗ୍ନିଶମ କେନ୍ଦ୍ରର ଅଧିକାରୀ ପ୍ରଦୀପ ପାତ୍ର ଆହତମାନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣି ଭର୍ତ୍ତି କରାଇଥିଲେ। ଅଧିକାରୀମାନେ ବାତ୍ୟା ଉଦ୍ଧାର କାର୍ଯ୍ୟରେ ବ୍ୟସ୍ତଥିବା କାରଣରୁ ସେତେବେଳେ କାର୍ଯ୍ୟରତ ଡାକ୍ତରଙ୍କୁ ତୁରନ୍ତ ଏହାର ରିସିଭ କପି ନେବାକୁ ଅନୁରୋଧ କରିଥିଲେ। ମାତ୍ର ଡାକ୍ତର ଜଣକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ କାମ କରୁଥିବାରୁ ଦମକଳ ବାହନୀକୁ ୨୫ରୁ ୩୦ ମିନିଟ ଅପେକ୍ଷା କରାଇଥିଲେ। ଏହାକୁ ନେଇ ଉଭୟ ମୁହାଁମୁହିଁ ହୋଇଥିଲେ। ଏନେଇ କାର୍ଯ୍ୟରତ ଡାକ୍ତର ଜଣଙ୍କୁ ପଚାରିବାରେ ଆହତଙ୍କ ଚିକିତ୍ସା ଉପରେ ଧ୍ୟାନ ଦେଇଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା କଥା କହିଛନ୍ତି।

## ୯୮% ଅଞ୍ଚଳକୁ ସରିଛି ବିଦ୍ୟୁତ୍ ସଂଯୋଗ

### ପୁନରୁଦ୍ଧାର କାର୍ଯ୍ୟରେ ବାଧକ ସାଜିଛି ବନ୍ୟା ପରିସ୍ଥିତି

ବାଲେଶ୍ୱର,୨୮।୧୦(ବାଞ୍ଛାନିଧି ଦେ)



ବାତ୍ୟା 'ଦାନା' ଯୋଗୁ ଅଧିକ ପ୍ରଭାବିତ ହୋଇଛି ବାଲେଶ୍ୱର ଓ ଭଦ୍ରକ ଜିଲାର ବିଦ୍ୟୁତ ସେବା। ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡଏଲ୍) ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ପ୍ରାୟ ୯୮% ଅଞ୍ଚଳକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇସାରିଛି। ସ୍ଥିତି ସ୍ୱାଭାବିକ କରିବା ପାଇଁ କର୍ମଚାରୀମାନେ ଆହୋରାତ୍ର କାର୍ଯ୍ୟରତ ଥିଲେ ହେଁ ଅଧିକାଂଶ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି।

ବାତ୍ୟା ପ୍ରଭାବରେ ବର୍ଷା ଯୋଗୁ ଜଳାର୍ଣ୍ଣବ ହୋଇଛି ତଳିଆ ଅଞ୍ଚଳ। ନଈ ନାଳରେ ସରୀସୃପଙ୍କ ଭୟ। ପାଣି କାଦୁଅରେ ପାଦ ସଳଖି ଛିଡ଼ା ହେବା କଷ୍ଟ। ଏପରି ସ୍ଥିତିରେ ଓଜନିଆ ବିଦ୍ୟୁତ୍ ଖୁଣ୍ଟି, ତାର, ଶଙ୍ଖ ଭଳି ଭାରି ସାମଗ୍ରୀ କାନ୍ଧେଇ ବିଲ, ଖାଲ, ବଣଜଙ୍ଗଲ, ନୟନଯୋରୀ ସବୁକୁ ଡେଇଁ କର୍ମଚାରୀମାନେ ମରାମତି କାର୍ଯ୍ୟରେ ଲାଗିଛନ୍ତି। ବାତ୍ୟାରେ ଭଦ୍ରକ ଜିଲାର ଭଦ୍ରକ ସାଉଥ ଓ ନର୍ଥ ଇଲେକ୍ଟ୍ରିକାଲ୍ ଡିଭିଜନ ଏବଂ ବାଲେଶ୍ୱର ଜିଲାର ସୋର ଇଲେକ୍ଟ୍ରିକାଲ୍ ଡିଭିଜନରେ ଅଧିକ ମାତ୍ରାରେ କ୍ଷୟକ୍ଷତି ଘଟିଛି। ଭଦ୍ରକ ଜିଲାର ଧାମରା, ବାସୁଦେବପୁର, ଚାନ୍ଦବାଲି, ଇରମ, ରାହଞ୍ଜ, ତିହିଡ଼ି ଅଞ୍ଚଳରେ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥିବା ବେଳେ ସୋର ଡିଭିଜନ ଅଧୀନରେ ଔପଦା, ସୋର, ସିମୁଳିଆ, ବାହାନଗା, ଖଇରା ଆଦି ଅଞ୍ଚଳରେ ଅଧିକ ବାତ୍ୟା ପ୍ରଭାବିତ ହୋଇଛି। ବିଦ୍ୟୁତ୍ ଫିଡ଼ର, ବିଦ୍ୟୁତ୍ ତାର ଉପରେ ବଡ଼ ବଡ଼ ଗଛ ପଡ଼ିବା ଏବଂ ପବନରେ ଖୁଣ୍ଟ ଭାଙ୍ଗିବା ଆଦି ଫଳରେ ବିଦ୍ୟୁତ୍ ସେବା ବ୍ୟାଘାତ ଘଟିଛି। ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ଟିପିଏନ୍‌ଡିଏଲ୍ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି।

ସୂଚନା ମୁତାବକ, ଟିପିଏନଓଡଏଲ ଅଧୀନରେ ୭୨ଟି ୩୩କେଭି ଫିଡ଼ର, ୬୬୨ଟି ୧୧କେଭି ଫିଡ଼ର, ୬୬ହଜାରରୁ ଅଧିକ ଡିଟିଆର୍ ଏବଂ ୧୪.୫୫ ଲକ୍ଷ ଉପଭୋକ୍ତା ବାତ୍ୟା ଯୋଗୁ ପ୍ରଭାବିତ ହୋଇଥିଲେ। ଏଯାବତ୍ ସମସ୍ତ ୩୩କେଭି ଓ ୧୧କେଭି ଏବଂ ୬୪ହଜାର ଡିଟିଆର୍ ମରାମତି ହୋଇ ସାରିଛି।

## ୪ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

### ଉଜ୍ଜ୍ୱଳା ଗ୍ୟାସ ବିତରଣ ନାଁରେ ଟଙ୍କା ଆଦାୟ

ବାହାନଗା,୨୮।୧୦(ଅରୂପ କୁମାର ଦାସ)

ଉଜ୍ଜ୍ୱଳା ଗ୍ୟାସ ବିତରଣ ନାଁରେ ଟଙ୍କା ଆଦାୟ ଅଭିଯୋଗରେ ଗ୍ୟାସ ଏଜେନ୍ସିର ୪ କର୍ମଚାରୀଙ୍କୁ ଲୋକେ ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁନିଆ ପଞ୍ଚାୟତର ରହଣିଆଗଞ୍ଜ ଗ୍ରାମରେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳରେ ଥିବା ଗ୍ରାମୀଣ ଗ୍ୟାସ ବିତରକ ସଂସ୍ଥାର କର୍ମଚାରୀମାନେ ରହଣିଆଗଞ୍ଜ ଗ୍ରାମର ୫୦ ଜଣଙ୍କ ନାମରେ ଉଜ୍ଜ୍ୱଳା ଗ୍ୟାସ ବୁକିଂ କରିଥିଲେ। ସୋମବାର ସଂସ୍ଥାର ୪ଜଣ କର୍ମଚାରୀ ଗ୍ୟାସ ସିଲିଣ୍ଡର ଓ ରେଗୁଲେଟର ଧରି ଗାଁରେ ପହଞ୍ଚିଥିଲେ। ଗ୍ରାମର ୫୦ ଜଣ ଉପଭୋକ୍ତାଙ୍କ ମଧ୍ୟରୁ ୨୬ ଜଣଙ୍କଠାରୁ ୫୦୦ରୁ ୧୩୦୦ ଟଙ୍କା ପର୍ଯ୍ୟନ୍ତ ନେଇ ଗ୍ୟାସ ସିଲିଣ୍ଡର ଦେଇଥିଲେ। ତେବେ ଉଜ୍ଜ୍ୱଳା ଗ୍ୟାସ ସରକାର ମହିଳାମାନଙ୍କୁ ମାଗଣାରେ ଦେଉଥିବା ବେଳେ ହିତାଧିକାରୀଙ୍କଠାରୁ ଟଙ୍କା ଆଦାୟକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ଗ୍ରାମର ମହିଳା ଓ ପୁରୁଷମାନେ ଗ୍ୟାସ ଏଜେନ୍ସିର ମ୍ୟାନେଜରଙ୍କ ସମେତ ୪ କର୍ମଚାରୀଙ୍କୁ ଅଟକ ରଖିବା ସହ ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି।

## ବାତ୍ୟାରେ ଧାନ, ପରିବା ଫସଲ ନଷ୍ଟ

ସୋର,୨୮।୧୦(ଜନ୍ମେଜୟ ମିଶ୍ର)- ବାତ୍ୟା ଯୋଗୁ ସୋରରେ ଧାନ ସମେତ ପରିବା ଚାଷ ବ୍ୟାପକ ନଷ୍ଟ ହୋଇଛି। ଧାନଗଛ ପଡିଯାଇ ବନ୍ୟା ପାଣିରେ ବୁଡ଼ି ପଚି ନଷ୍ଟ ହୋଇଯାଇଛି। ସେହିପରି ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏବେ ମଧ୍ୟ କାଂଶବାଂଶ ଓ ପିତା କାଳିଆ ନଦୀରେ ବନ୍ୟା ପାଣିରେ ଚାଷଜମି ବୁଡି ରହିଛି। ଅମୃତଭଣ୍ଡା ଓ କଦଳୀଗଛ ବ୍ୟାପକ ଭାବେ ନଷ୍ଟ ହୋଇଛି।

## ବନ କର୍ମଚାରୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ

ବାରିପଦା,୨୮।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବନ ଅପରାଧକୁ ନିୟନ୍ତ୍ରଣ କରିବା ସହ ଅପରାଧୀଙ୍କୁ କିପରି ଧରିବା ସେନେଇ ବନ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ବନଖଣ୍ଡ କାର୍ଯ୍ୟାଳୟର ସଂକଳ୍ପ ସମ୍ମିଳନୀ ଗୃହରେ ଡିଏଫ୍‌ଓ ଏ ଉମା ମହେଶଙ୍କ ଅଧ୍ୟକ୍ଷତାରେ ବନ କର୍ମଚାରୀଙ୍କ ତାଲିମ ପ୍ରଦାନ କରାଯାଇଛି। ଶିମିଳିପାଳ ଓ ଏହାର ପାଦଦେଶରେ ଥିବା ଜଙ୍ଗଲରେ ବନ୍ୟପ୍ରାଣୀ ଓ ଗଛଲତାର ସୁରକ୍ଷା ନିମନ୍ତେ ଅପରାଧିକ କାର୍ଯ୍ୟକଳାପକୁ ରୋକିବା ନେଇ ତାଲିମ ପ୍ରଦାନ କରାଯାଇଛି। ବର୍ତ୍ତମାନ ସମୟରେ ବନ ଅପରାଧ ଆଇନ ବାବଦରେ ବନ କର୍ମଚାରୀଙ୍କୁ ଜଣାଯାଇଛି। ନୂତନ ଜ୍ଞାନକୌଶଳକୁ ପ୍ରୟୋଗ କରି ବନ ବିଭାଗ ଆଇନକୁ ଆହୁରି କିପରି ଶସକ୍ତ କରାଯିବ ତାଲିମ ପ୍ରଦାନ ହୋଇଛି। ଜଙ୍ଗଲ ସୁରକ୍ଷା ନିମନ୍ତେ ଜନମାନସଙ୍କୁ ସଚେତନ କରି ଉଦାହରଣ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି। ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ କାର୍ଯ୍ୟରତ କୋଲକାତାର ୨ ବରିଷ୍ଠ ଗବେଷକ ଅଂଶଗ୍ରହଣ କରି ୫୫ଜଣ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଶିବିରର ବାରିପଦା ବନଖଣ୍ଡର ଏସିଏଫ, ରେଞ୍ଜର, ଫରେଷ୍ଟର ଆଦି ଉପସ୍ଥିତ ରହିଛନ୍ତି। ବନ ଅପରାଧ ଆଇନକୁ ନେଇ ତାଙ୍କର ତଦନ୍ତ ଅଭିଜ୍ଞତା ବାବଦରେ ମଧ୍ୟ ଅନ୍ୟମାନଙ୍କୁ ଜଣାଇଛନ୍ତି। ଏହା ଦ୍ୱାରା ଆଗକୁ ବନ୍ୟଜନ୍ତୁ ସୁରକ୍ଷା ନିମନ୍ତେ ଆଇନର କାର୍ଯ୍ୟକାରିତା ବାବଦରେ ସମସ୍ତେ ଅଗୋଚର ହୋଇପାରିବେ ବୋଲି ବାରିପଦା ବନଖଣ୍ଡ ଅଧିକାରୀ କହିଛନ୍ତି।


ତାଲିମ ଶିବିରରେ ଯୋଗଦେଇଥିବା ବନ କର୍ମଚାରୀମାନେ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ଧାମନଗର, ୨୮।୧୦ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଅଧୀନ ଧୁଷୁରୀ ପଞ୍ଚାୟତ ପଣ୍ଡାପାଟଣା ଗ୍ରାମର ରୁଦ୍ର ନାରାୟଣ ପଣ୍ଡା(୧୯) ରବିବାର ଗେଙ୍ଗୁଟି ନଦୀରୁ ବାହାରିଥିବା ଶାଖା କଣ୍ଡିଆ ନାଳରେ ଗାଧୋଇବା ବେଳେ ବୁଡ଼ି ନିଖୋଜ ହୋଇଯାଇଥିଲେ। ସୋମବାର ପାଣିରେ ବୁଡ଼ି ରହିଥିବା ନିକଟସ୍ଥ ଏକ ଜଙ୍ଗଲିଆ ବୁଦା ତଳୁ ତାଙ୍କ ମୃତଦେହ ମିଳିଛି। ପୂର୍ବାହ୍ନରେ ସ୍ଥାନୀୟ ଯୁବକ ଓ ଦମକଳ ବାହିନୀ ମୃତଦେହ ପାଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଧୁଷୁରୀ ଥାନା ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

### ପୋଖରୀରୁ ବୃଦ୍ଧାଙ୍କ ମୃତଦେହ ଜବତ

ତିହିଡ଼ି,୨୮।୧୦(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ବୋଡ଼କ ପଞ୍ଚାୟତ ବେଲଗଡିଆ ଗ୍ରାମର ଜଣେ ବୃଦ୍ଧାଙ୍କ ମୃତଦେହ ସୋମବାର ପୋଖରୀରୁ ମିଳିଛି। ମୃତା ବୃଦ୍ଧା ହେଲେ ପାଞ୍ଚାଳୀ ନାୟକ(୮୦)। ସେ ସକାଳେ ପୋଖରୀକୁ ଶୌଚ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ସେ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ତିହିଡ଼ି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ଦୋକାନ ଶଟର ଭାଙ୍ଗି ମଦ ଚୋରି

ଧାମନଗର, ୨୮।୧୦ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର-ଦୋବଲ ରାସ୍ତାର ଘୋଡ଼ାଗଣ୍ଡ ନିକଟରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ଠିପିବନ୍ଦ ବିଦେଶୀ ମଦ ଦୋକାନରୁ ଶନିବାର ରାତିରେ ଚୋରି ହୋଇଛି। ଦୋକାନ ଶଟର ଭାଙ୍ଗି ମଦ ଚୋରି ହୋଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ କରାଯାଇଛି। ଦୋକାନରେ ଲାଗିଥିବା ସିସିଟିଭି ହାର୍ଡଡିସ୍କକୁ ଚୋରମାନେ ନେଇଯାଇଥିବା ଦର୍ଶାଯାଇଛି। ପୋଲିସ ରବିବାର ସନ୍ଧ୍ୟାରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଛି। ଏହି ଚୋରିକୁ ନେଇ ସାଧାରଣରେ ନାନା ଗୁଜବ ଶୁଣିବାକୁ ମିଳୁଛି। ନିଜେ ଯାଇ ଘଟଣାର ତଦନ୍ତ କରିବେ ବୋଲି ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ କହିଛନ୍ତି।

# ବନ୍ୟାଞ୍ଚଳ ବୁଲି ଦେଖିଲେ ବିଧାୟକ

- କ୍ଷୟକ୍ଷତି ଆକଳନ ସହ ସ୍ଥିତି ସମୀକ୍ଷା
- ଶୁଖିଲା ଖାଦ୍ୟ ପହଞ୍ଚି ନ ଥିବାରୁ ଲୋକଙ୍କ କ୍ଷୋଭ

ବାସୁଦେବପୁର,୨୮।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳକୁ ବାତ୍ୟା 'ଦାନା' କ୍ଷତି ପହଞ୍ଚାଇଥିବା ବେଳେ ଏବେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବିଧାୟକ ଅଶୋକ କୁମାର ଦାସ ସୋମବାର ପ୍ରଭାବିତ ଅଞ୍ଚଳରେ ପହଞ୍ଚି ବୁଲି ଦେଖିଛନ୍ତି। ଲୋକଙ୍କ ସୁଖଦୁଃଖ ବୁଝିବା ସହ ବାତ୍ୟା ପରେ ବନ୍ୟା ପରିସ୍ଥିତିକୁ କିପରି ସାମ୍ନା କରାଯିବ ସେ ସମ୍ପର୍କରେ ସମୀକ୍ଷା କରିଛନ୍ତି।

ବିଧାୟକ ବାସୁଦେବପୁର ବ୍ଲକ ସୁଦର୍ଶନପୁର ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲି ବାତ୍ୟା ଓ ବନ୍ୟା କ୍ଷୟକ୍ଷତିର ଆକଳନ କରିବା ସହ ସ୍ଥିତି ସମୀକ୍ଷା କରିଥିଲେ। ସୁଦର୍ଶନପୁର ପଞ୍ଚାୟତର ମଲିକ ସାହୀବସ୍ତିରେ ବନ୍ୟାପାଣି ପଶିଥିବାରୁ କେତେକ ପରିବାର ଜଳଘେରରେ ଅଛନ୍ତି। ଉପରମୁଣ୍ଡର ବର୍ଷାପାଣି ତଳମୁଣ୍ଡକୁ


ବିଧାୟକ ଅଶୋକ କୁମାର ଦାସ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ଗଡ଼ି ବନ୍ୟା ସୃଷ୍ଟି ହୋଇଥିବା ବେଳେ ମଲିକସାହି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ବସ୍ତି ଜଳଘେରରେ ଥିବାବେଳେ ଅଦ୍ୟାବଧି କୌଣସି ସରକାରୀ ସହାୟତା କିମ୍ବା ଚୁଡ଼ା, ଗୁଡ଼ ଶୁଖିଲା ଖାଦ୍ୟ ମିଳି ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମର ପୀତବାସ ମଲିକ, କୈକେୟୀ ମଲିକ, ରଜନୀ ମଲିକ, ଫୁଲ ମଲିକ, କଣ୍ଢେଇ ମଲିକଙ୍କ ସମେତ ମଲିକସାହି, ବାଲିସାହି, ସୁଆଁ ଗ୍ରାମର ବାତ୍ୟା ଓ ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ପ୍ରଶାସନିକ ସ୍ତରରେ ଅଣଦେଖା ସହ ଶୁଖିଲା ଖାଦ୍ୟ ଟିକିଏ ବି ପହଞ୍ଚି ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ବନ୍ୟାପାଣି ବଢୁଥିବାରୁ ଚାଷ ହରାଇଥିବା ଏହି ପଞ୍ଚାୟତର ଲୋକ ସର୍ବାଧିକ କ୍ଷତି ସହୁଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀ ଏଯାଏ ପହଞ୍ଚି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିପରି କ୍ଷତିଗ୍ରସ୍ତ ମଲିକସାହି ବସ୍ତି ଓ ସଂଲଗ୍ନ ଅଞ୍ଚଳରେ ଶୁଖିଲା ଖାଦ୍ୟ ତୁରନ୍ତ ପହଞ୍ଚିପାରିବ ସେ ଦିଗରେ ବିଡିଓ ଏବଂ ପ୍ରଶାସନିକ ଅଧିକାରୀଙ୍କ ସହ ଫୋନ୍ ମାଧ୍ୟମରେ ବିଧାୟକ ଆଲୋଚନା କରିଥିଲେ। ଗ୍ରାମର ବୟସ୍କ ବ୍ୟକ୍ତି ବଂଶୀଧର ମଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ କିପରି ଗ୍ରାମରେ ପ୍ରଶାସନ ପହଞ୍ଚିବ ସେ ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ କହିଥିଲେ।

# ମାଡ଼ିଚାଲିଛି ବନ୍ୟାପାଣି

ତିହିଡ଼ି,୨୮।୧୦ (ସଞ୍ଜିତ ବଳ)

- ଆଉ ୪ ପଞ୍ଚାୟତରେ ପଶିଲା
- ବିପନ୍ନଙ୍କୁ ବଣ୍ଟାଗଲା ରିଲିଫ

ତିହିଡ଼ି ବ୍ଲକ୍‌ରେ ମାଡ଼ି ଚାଲିଛି ବନ୍ୟାପାଣି। ପୂର୍ବରୁ ୪ ପଞ୍ଚାୟତ ବନ୍ୟାପାଣି ଘେରରେ ଥିବାବେଳେ ଆଉ ୪ ପଞ୍ଚାୟତରେ ପଶିଛି। ବନ୍ୟା ପ୍ରଭାବିତ ୮ ପଞ୍ଚାୟତରେ ବିପନ୍ନମାନଙ୍କୁ ସୋମବାର ପ୍ରଶାସନ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଇଛି। ରିଲିଫ ଆକାରରେ ଚୁଡା, ଗୁଡ଼ ଏବଂ ଆଶ୍ରୟସ୍ଥଳରେ ଥିବା ବିପନ୍ନମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ବିଡିଓ ଜ୍ୟୋତିର୍ମୟ କରଙ୍କ ତତ୍ତ୍ୱାବଧାନରେ ରିଲିଫ ବଣ୍ଟନ କରାଯାଇଛି। ବ୍ଲକର ତଳଗୋପବିନ୍ଧା, କୁବେରା, ବିଲଣା ଓ ଅଚକ ପଞ୍ଚାୟତରେ ବନ୍ୟାପାଣି ପଶିବାରୁ ଗ୍ରାମ ରାସ୍ତା ସବୁ ଜଳମଗ୍ନ ହୋଇଥିଲା। କେତେକ ଘରେ ମଧ୍ୟ ପାଣି ପଶିଥିଲା। ରବିବାର ରାତିରେ ବନ୍ୟା ପାଣି ଦୋଳସାହି, ବୋଡ଼କ, ବାରୋ ଓ ସୟା ପଞ୍ଚାୟତର ତଳିଆ ଅଞ୍ଚଳକୁ ଜଳମଗ୍ନ କରିଛି। ବନ୍ୟାପାଣି ମାଡ଼ି ଚାଲିଥିବାରୁ ଏହା ଅଧିକ ପଞ୍ଚାୟତକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ବିଶେଷକରି ଚାଷଜମି ଜଳମଗ୍ନ ହୋଇ ରହିଥିବାରୁ ଧାନ ଫସଲ ଉଜୁଡ଼ିଯିବା ଆଶଙ୍କାରେ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ବାତ୍ୟା ପରେ ବନ୍ୟା ବିପତ୍ତି ଚାଷୀଙ୍କ ମୁହଁରୁ ହସ ଲିଭାଇ ଦେଇଛି।


କୁବେରା ପଞ୍ଚାୟତରେ ଘରଗୁଡ଼ିକ ବନ୍ୟାଘେରରେ।

# ରାସ୍ତାରେ ପାଣି, ଯାତାୟାତ ଠପ୍

### ଫୁଲୁଛି କାଂଶବାଂଶ, ଗମେଇ, ମନ୍ତେଇ, କଞ୍ଜୁଡ଼ି ନଦୀ

ବାସୁଦେବପୁର,୨୮।୧୦
(ନାରାୟଣ ପ୍ରସାଦ ବାରିକ୍)

ବାତ୍ୟା ପ୍ରଭାବରେ ସମୁଦ୍ର ଉପକୂଳବର୍ତ୍ତୀ ବାସୁଦେବପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାତ୍ୟା ପରେ ଲଗାଣ ବର୍ଷା ଯୋଗୁ ବାସୁଦେବପୁର ମଧ୍ୟ ଦେଇ ପ୍ରବାହିତ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଚାଷଜମିରେ ବନ୍ୟାପାଣି ମାଡ଼ିବା ଆରମ୍ଭ କରିଥିବାରୁ ବ୍ୟାପକ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। କାଂଶବାଂଶ ଓ ଏହାର ଶାଖା ନଦୀ ଗମେଇରେ ବନ୍ୟା ଆସିବା ଫଳରେ ବରଣ୍ଡିଆ, ରତାଙ୍ଗ, ଦୀକ୍ଷିତବିନ୍ଧା, ବିଷ୍ଣୁବିନ୍ଧା, ମଧୁସୂଦନପୁର, ନରସିଂହପୁର, କାଳୀଦାସପୁର, କମାରଗଡ଼ିଆ, ସୁଆଁ, ସୁଦର୍ଶନପୁର ପଞ୍ଚାୟତ, ଚୁଡ଼ାମଣି ପଞ୍ଚାୟତ, ପୌରପାଳିକାର ଭୈରବପୁର, ବଳିବିନ୍ଧା, ଗୁଆଗାଁ, ବାଷଠୀ, ଗୋପାଳପୁର, ପଞ୍ଚୁରିଖି ସମେତ ନଦୀ ସଂଲଗ୍ନ ଅଞ୍ଚଳ, ସାରଙ୍ଗପୁର, ଚନ୍ଦନପୁର, ବଚ୍ଛଦା ଆଦି ଅଞ୍ଚଳର ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ବରଣ୍ଡିଆ-ସୁଦର୍ଶନପୁରକୁ ସଂଯୋଗ କରୁଥିବା ଆର୍ ଆଣ୍ଡ୍ ବିର ପ୍ରମୁଖ ରାସ୍ତା ଉପରେ ୩ ଫୁଟ୍‌ରୁ ଊର୍ଦ୍ଧ୍ୱ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇପଡ଼ିଛି। ସୋର-ସିମୁଳିଆ, ନୀଳଗିରି, ବାସୁଦେବପୁର ଅଞ୍ଚଳର ବଳକା ବର୍ଷାଜଳ ଓ ତଳିଆ ଅଞ୍ଚଳର ବର୍ଷାପାଣି ଗମେଇ, ମନ୍ତେଇ ନଦୀ ଦେଇ ପ୍ରବାହିତ ହୋଇ ସମୁଦ୍ରକୁ ଯାଉଥିବା ବେଳେ ଏହି ବନ୍ୟା ଆଗାମୀ ୨/୩ ଦିନ ମଧ୍ୟରେ ଅଧିକ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ସେହିପରି ମନ୍ତେଇ ଓ କଞ୍ଜୁଡ଼ି ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ପଦ୍ମପୁର, ଜଗନ୍ନାଥପ୍ରସାଦ ପଞ୍ଚାୟତ ସମେତ ନଦୀ ସଂଲଗ୍ନ ପଞ୍ଚାୟତରେ ବନ୍ୟା ସ୍ଥିତି ଉପୁଜିଥିବା ବେଳେ ଧାନ ଫସଲରେ ବନ୍ୟାପାଣି ମାଡ଼ିଯାଇଛି। ସେହିପରି ନୂଆନଦୀରେ ମଧ୍ୟ ବନ୍ୟା ଆସିବା ଆରମ୍ଭ କରିଛି। ବାଲିନଗରର ବିସ୍ତୀର୍ଣ୍ଣ ପାଟ, ନିଉଇଣ୍ଡିଆ ସାହି ପାଟ, ବିନାୟକପୁର ପାଟ, ଲୁଙ୍ଗାପାଳ ଅଞ୍ଚଳ ସମେତ ବିଭିନ୍ନ ଖାଲୁଆ ଅଞ୍ଚଳରେ ବନ୍ୟାପାଣି ଜମି ରହିବା ସହ ଥୋଡ଼ ଧାନ ପାଣିରେ ବୁଡ଼ି ରହିଛି। ଫଳରେ ବହୁ ଚାଷୀ ହତାଶ ହୋଇପଡ଼ିଛନ୍ତି।


ସୁଦର୍ଶନପୁର-ବରଣ୍ଡିଆ ରାସ୍ତାରେ ପାଣି ଚାଲିଛି।

### ନଦୀପଠାରୁ ମଇଁଷିକୁ ଟାଣିନେଲା କୁମ୍ଭୀର

ଚାନ୍ଦବାଲି,୨୮।୧୦ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ି ନିକଟସ୍ଥ ଶୀତଳପୁର ଗାଁ ଦେଇ ପ୍ରବାହିତ ସାଳନ୍ଦୀ ନଦୀପଠାରୁ ଏକ ମଇଁଷିକୁ କୁମ୍ଭୀର ଟାଣି ନେଇଛି। ମଇଁଷିଟି ନଦୀରୁ ପାଣି ପିଉଥିବା ବେଳେ ହିଂସ୍ର କୁମ୍ଭୀର ଝାମ୍ପି ନେଇଥିବା କୁହାଯାଉଛି। କୁମ୍ଭୀରଟିର ଲମ୍ବ ପ୍ରାୟ ୧୫ ଫୁଟ୍ ହେବ। ଖବର ପାଇ ଓଡ୍ରାଫ୍ ଟିମ୍ ସେଠାରେ ପହଞ୍ଚିଥିଲା। କୁମ୍ଭୀରଟି ନଦୀ କୂଳ ଦେଇ ଘୂରିବୁଲୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

### ଅଦିନିଆ ରଥଯାତ୍ରାକୁ ବିରୋଧ

ଭଦ୍ରକ,୨୮।୧୦
(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକର ଅପର୍ତ୍ତିବିନ୍ଧା ଏଲଖା ଗ୍ରାମରେ ଶ୍ରୀଜଗନ୍ନାଥ ପ୍ରଚାର ସମିତି ପକ୍ଷରୁ ଏକ ଜରୁରୀ ବୈଠକ କରାଯାଇ ଅଦିନିଆ ରଥଯାତ୍ରାକୁ ବିରୋଧ କରାଯାଇଛି। ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମାଙ୍କ ବାସଗୃହରେ ଅନୁଷ୍ଠିତ ଏହି ବୈଠକରେ ଆମେରିକାର ଇସ୍କନ ସଂସ୍ଥା ଦ୍ୱାରା ଆସନ୍ତା ୮ ତାରିଖରୁ ହେବାକୁ ଯାଉଥିବା ଅଦିନିଆ ରଥଯାତ୍ରାକୁ ବିରୋଧ କରାଯାଇ କରାଯାଇଥିଲା। ଏକ ମହାନ ସଂସ୍କୃତିକୁ ବିକୃତ କରିବାକୁ ଅପଚେଷ୍ଟା ଚଳାଇଥିବା ଇସ୍କନ ସଂସ୍ଥା ଏଥିରୁ ନିବୃତ୍ତ ରହିବାକୁ ଦାବି କରାଯାଇଛି। ଏଭଳି ଧର୍ମ ବିରୋଧ କାର୍ଯ୍ୟକୁ ସମିତି କେବେ ବରଦାସ୍ତ କରିବ ନାହିଁ ବୋଲି ମତପ୍ରକାଶ ପାଇଛି। ପଣ୍ଡିତ ଭାଗିରଥୀଙ୍କ ସହ ସୁଦର୍ଶନ ପଣ୍ଡା, ସନ୍ତୋଷ କୁମାର ଦାଶ, ସନେଇ ଶିଅଳ, ବାବୁଲାଲ ଦାସ, ଲକ୍ଷ୍ମୀଧର ଖଟୁଆ, ଗୋପବନ୍ଧୁ ମିଶ୍ର, ପ୍ରଶାନ୍ତ କୁମାର ଦେ ପ୍ରମୁଖ ବହୁ ସେବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆବାହକ ସେବକ ଶରତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳୁ କ୍ଷତିପୂରଣ

ଚାନ୍ଦବାଲି,୨୮।୧୦ (କିଷାନ ପାତ୍ର)

### ନବନିର୍ମାଣ କୃଷକ ସଙ୍ଗଠନର ଦାବି

ବାତ୍ୟା ପ୍ରଭାବରେ ଚାନ୍ଦବାଲିରେ ବିଭିନ୍ନ ଚାଷୀଙ୍କ ଚାଷଜମିରେ ପାଣି ମାଡ଼ିଯାଇଥିବା ବେଳେ ଅମଳ ସମୟ ପୂର୍ବରୁ ଧାନ ଥୋଡ଼ ନଷ୍ଟ ହୋଇଯାଇଛି। ଏହାର କ୍ଷତିପୂରଣ ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ସୋମବାର ସଙ୍ଗଠନର ରାଜ୍ୟ ସଭାପତି ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଚାନ୍ଦବାଲି କାଳୀମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ଚାନ୍ଦବାଲି ତହସିଲରେ ଅଫିସ୍‌ରେ ପହଞ୍ଚି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବାତ୍ୟା ପ୍ରଭାବରେ ଚାନ୍ଦବାଲିରେ ଚାଷ ଓ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ପ୍ରତିବାଦରେ ତହସିଲ ସମ୍ମୁଖରେ ଶତାଧିକ ଚାଷୀ ବିକ୍ଷୋଭ କରିଥିଲେ। ଚାଷଜମିର ହେକ୍ଟର ପିଛା ୫୦ ହଜାର ଟଙ୍କା ଭରଣା, ଋଣ ଛାଡ଼, ଜୋର ଓ ନାଳ ପାଣି ନିଷ୍କାସନ ପାଇଁ ବନ୍ଧ ବାଡ଼ ଉଠାଯିବା, ଆଦାନୀ କମ୍ପାନୀ ଦ୍ୱାରା ଚାନ୍ଦବାଲିଠାରେ ଶୀତଳ ଭଣ୍ଡାର, ଅତ୍ୟାଧୁନିକ ମେଡିକାଲ ଲାଗି ଆଦେଶନାମା ଆଦି ଦାବି ରହିଛି। ସଙ୍ଗଠନର ଭଦ୍ରକ ଜିଲା ସଭାପତି ତ୍ରିଲୋଚନ ପଣ୍ଡା, ସହସଂଯୋଜକ ସତ୍ୟରଞ୍ଜନ ନାୟକ, ଚାନ୍ଦବାଲି ସଭାପତି କୃଷ୍ଣଚନ୍ଦ୍ର ବିଶ୍ୱାଳ, ଯୁବ ଛାତ୍ର ରାଜ୍ୟ ସଭାପତି ମହମ୍ମଦ ମନୋହର ଅଲ୍ଲୀ, ପ୍ରୀତବାସ ମହାନ୍ତି, ବସନ୍ତ ତ୍ରିପାଠୀ, ସୁରେନ୍ଦ୍ର ନାୟକ, ନକୁଳ ମଲ୍ଲିକ, ରମାକାନ୍ତ ନାୟକ, ଗୌରହରି ବେହେରା, ରାଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ଉଜୁଡ଼ିଗଲା ଧାନ, ପରିବା ଚାଷ

ଭଦ୍ରକ, ୨୮।୧୦ (ରବିନାରାୟଣ ଖିଲାର)

ବାତ୍ୟା ପରେ ଲଗାଣ ବର୍ଷା ଯୋଗୁ ସାଳନ୍ଦୀ ଓ ଏହାର ଶାଖା ନଦୀରେ ବନ୍ୟା ଆସିଛି। ବନ୍ୟା ପାଣି ମାଡ଼ି ଭଦ୍ରକ ବ୍ଲକ ଅଞ୍ଚଳରେ ଚାଷ ଉଜାଡ଼ି ଦେଇଛି। ଖରିଫ ଧାନଚାଷ ପ୍ରଭାବିତ ହୋଇଥିବା କୃଷି ବିଭାଗର ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ସାଳନ୍ଦୀର ଶାଖା ନାଳିଆ, କୁଣ୍ଡୀ ଓ କପାଳୀ ନଦୀ କୂଳିଆ ପଞ୍ଚାୟତରେ ଧାନ ଚାଷ ସହ ପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। ଅର୍ଣ୍ଣପାଳ, ବିଷ୍ଣୁପୁରବିନ୍ଧା ପଞ୍ଚାୟତର ବିଭିନ୍ନ ଗାଁ, କେଦାରପୁର ନିକଟସ୍ଥ ଗାଜିପୁର ଗ୍ରାମରେ ଥିବା ଚାଷୀମାନଙ୍କ ଚାଷଜମି ଜଳମଗ୍ନ ରହି ଫସଲ ନଷ୍ଟ ହୋଇଯାଇଛି। ଚାଷୀ ଦୁର୍ଯ୍ୟୋଧନ ସାହୁ, ଶିବରାମ ଖାମୁରାଇ, ଅଶୋକ ସାହୁ, ଗଣେଶ ଖାମୁରାଇ, ଲକ୍ଷ୍ମୀଧର ମିଶ୍ର, ଭଗବାନ ମହାନ୍ତି, ନିରାକାର ଖାମୁରାଇ, ମଧୁସୂଦନ ସାହୁ, କମଳା ସାହୁ, ଅକ୍ଷୟ ମହାନ୍ତି, ଶରତ ସାହୁ, ଚନ୍ଦ୍ରକାନ୍ତ ସାହୁ, ଅଶୋକ ନାଥ ବଳ, ମାନସ ସାହୁ, ହରେକୃଷ୍ଣ ପଣ୍ଡା ପ୍ରମୁଖ ସେମାନଙ୍କ ଫସଲ ନଷ୍ଟ ହୋଇଥିବା ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ପାଇଁ ଦାବି ହୋଇଛି।


ପାଣିରେ ବୁଡ଼ିଥିବା ଧାନ କ୍ଷେତରେ ଚାଷୀ।

# ୧ରୁ ଆମ୍ବୁଲାନ୍ସ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାରିପଦା,୨୮।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଭିନ୍ନ ଦାବି ନେଇ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ଆସନ୍ତା ନଭେମ୍ବର ୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ ଦେଇଛି। ଫଳରେ ଜିଲାବ୍ୟାପୀ ୧୦୮ ଆମ୍ବୁଲାନ୍ସ ପରି ଜରୁରୀକାଳୀନ ସେବା ଠପ୍ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏନେଇ ବାରିପଦାଠାରେ ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ସହ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ନୂତନ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ବିରୋଧରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂଘର ସଦସ୍ୟମାନେ କହିଛନ୍ତି। ନୂତନ ସଂସ୍ଥା ଏବେ ମନଇଚ୍ଛା ଛଟେଇ କରିଥିବା ବେଳେ ବାରମ୍ବାର ଅଭିଯୋଗ ଜଣାଇଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ ଦୁଃଖ ଶୁଣୁନାହାନ୍ତି। ଏହାକୁ ବିରୋଧ କରି ସଂଘର ସଦସ୍ୟମାନେ ୧୧ଦଫା ସମ୍ବଳିତ ଦାବି ଉପସ୍ଥାପନ କରିଛନ୍ତି। ଦାବି ପୂରଣ ନ ହେଲେ ଜିଲାରେ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସ ନଭେମ୍ବର ୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମ୍ବୁଲାନ୍ସ ଗାଡ଼ି ଛାଡ଼ି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ମନୋଜ କୁମାର ନାୟକ, ଉପ ସଭାପତି ଦେବାଶିଷ ଆଚାର୍ଯ୍ୟ, ସମ୍ପାଦକ ଅମନ କୁମାର ରାଉତ ଏବଂ ଜିଲ୍ଲା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୧୬ରୁ ସର୍ବଭାରତୀୟ ଦିବ୍ୟାଙ୍ଗ ହ୍ୱିଲଚେୟାର କ୍ରିକେଟ ଟୁର୍ନାମେଣ୍ଟ



ଖବରଦାତା ସମ୍ମିଳନୀରେ ଅଲ୍ ଓଡ଼ିଶା ଦିବ୍ୟାଙ୍ଗ ଜନକଲ୍ୟାଣ ସଂଘର କାର୍ଯ୍ୟକର୍ତ୍ତା ଓ ଅନ୍ୟମାନେ।

ଭଦ୍ରକ,୨୮।୧୦ (ସନାତନ ରାଉତ)

ଆସନ୍ତା ନଭେମ୍ବର ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଭଦ୍ରକ ରାନ୍ଦିଆସ୍ଥିତ ବେଦାନ୍ତ ଫେଙ୍କର ଷ୍ଟାଡିୟମରେ ସର୍ବଭାରତୀୟ ଦିବ୍ୟାଙ୍ଗ ହ୍ୱିଲଚେୟାର କ୍ରିକେଟ ଟୁର୍ନାମେଣ୍ଟ ଉତ୍କଳ ଟ୍ରଫି ନାମରେ ଅନୁଷ୍ଠିତ ହେବ। ସୋମବାର ଟୁର୍ନାମେଣ୍ଟର ଆୟୋଜକ ଅଲ୍ ଓଡ଼ିଶା ଦିବ୍ୟାଙ୍ଗ ଜନକଲ୍ୟାଣ ସଂଘ ପକ୍ଷରୁ ଜିଲା ସଂସ୍କୃତି ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟରୁ ଟିମ୍‌ଗୁଡ଼ିକ ଭାଗ ନେବେ। ଦିବ୍ୟାଙ୍ଗ ଖେଳାଳିମାନଙ୍କୁ ଟୁର୍ନାମେଣ୍ଟ ସମୟରେ ସୁରକ୍ଷା ଯୋଗାଇଦେବା ପାଇଁ ସଂଘ ପକ୍ଷରୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ଉପଦେଷ୍ଟା ଜ୍ଞାନପ୍ରକାଶ ପାଣି, ଭଦ୍ରକ ସାଳନ୍ଦୀ କ୍ରିକେଟ କ୍ଲବର ସମ୍ପାଦକ ସଞ୍ଜୀବ ଦାସ, ସଂଘର ରାଜ୍ୟ ସଭାପତି ସୁନୀତ କୁମାର ରାଉତ, ସମ୍ପାଦକ ନାରାୟଣ ରାଉତ, କ୍ରୀଡ଼ା ସମ୍ପାଦକ ଅଭୟ କୁମାର ଜେନା, ଭଦ୍ରକ ଜିଲା ସଭାପତି ପବିତ୍ର ମୋହନ ଜେନା, ସମ୍ପାଦକ ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରାନ୍ଦିଆ ସରପଞ୍ଚ ସ୍ୱପ୍ନାରାଣୀ ରାଉତରାୟ ଏବଂ ଜିଲା କ୍ରୀଡ଼ା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ।

# ଅଧିକାରୀଙ୍କୁ ଶପଥପାଠ କରାଇଲେ ଜିଲାପାଳ

ଭଦ୍ରକ,୨୮।୧୦
(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ଆଭାସୀ ଜରିଆରେ ଯୋଡ଼ି ହୋଇ ଓସ୍ୱାନ୍ ପ୍ଲାଟଫର୍ମରେ ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ସମସ୍ତ ଡେପୁଟି କଲେକ୍ଟର ଓ ଅନ୍ୟ ଅଧିକାରୀମାନେ ଶପଥଗ୍ରହଣ କରିଥିଲେ।

ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ସଦ୍‌ଭାବନା ସଭାଗୃହରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଶପଥ ପତ୍ର ପାଠ କରି ସମସ୍ତଙ୍କୁ ଶପଥ କରାଇଥିଲେ। ଆବାହକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର


ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଓ ଅନ୍ୟ ଅଧିକାରୀମାନେ ଶପଥପାଠ କରୁଛନ୍ତି।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ସାଗରିକା ସାହୁ, ପ୍ରମିଳା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ଜିଲା ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ଦୁଷ୍ମନ୍ତ କୁମାର ନାୟକଙ୍କୁ ସର୍ବୋତ୍ତମ ତଦନ୍ତ ଅଧିକାରୀ ରୂପେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ଉଦ୍‌ଘାଟନୀ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। 'ସତ୍ୟ-ନିଷ୍ଠା ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ମୂଳଭିତ୍ତି' ବିଷୟରେ ବକ୍ତୃତା ପ୍ରତିଯୋଗିତା ଓ ଦୁର୍ନୀତି ନିବାରଣ ସଚେତନତା ନେଇ ବ୍ୟଙ୍ଗାତ୍ମକ ଚିତ୍ରାଙ୍କନ କାର୍ଯ୍ୟକ୍ରମ ବ୍ଲକ ଓ ଜିଲାସ୍ତରରେ ଅନୁଷ୍ଠିତ ହେବ। ଏହି ସଚେତନତା ଉଦ୍ଦେଶ୍ୟରେ ନଭେମ୍ବର ୨ରେ ପଦଯାତ୍ରା ଓ ଉଦ୍‌ଯାପନୀ ଉତ୍ସବରେ ସଚେତନତାମୂଳକ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହେବ।

# ଯୋଗଦେଲେ ପୌରପାଳିକାର ନୂଆ କାର୍ଯ୍ୟନିର୍ବାହୀ ଅଧିକାରିଣୀ

ରାଇରଙ୍ଗପୁର,୨୮।୧୦(ମାନସ ମହାନ୍ତି)

ରାଇରଙ୍ଗପୁର ପୌରପାଳିକାର ନୂତନ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଭାବେ ସୋମବାର ଭାରତୀୟ ପ୍ରଶାସନିକ ସେବାର ଅଧିକାରିଣୀ ମିସ୍ ଆଶନି ଏ.ଏଲ. କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥି ପୂର୍ବରୁ ସେ ମୟୂରଭଞ୍ଜ ଜିଲାରେ ଆଇଏଏସ୍ ପ୍ରବେଶନାରୀ ଅଧିକାରୀ ଭାବେ ଯୋଗଦେଇ ପରବର୍ତ୍ତୀ ସମୟରେ ଯଶିପୁର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଭାବେ ଦାୟିତ୍ୱ ତୁଲାଇ ଥିଲେ। ରାଇରଙ୍ଗପୁର ପୌରପାଳିକାରେ ପୂର୍ବରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ଆସୁଥିବା ରମେଶ ଚନ୍ଦ୍ର ନାୟକଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ପୌରପାଳିକାର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଉପାଧ୍ୟକ୍ଷା ମମିତା ଚୌଧୁରୀ, କାଉନସିଲର, ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।


ନୂତନ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଆଶନି ଏ.ଏଲ.।

## ସଂକ୍ଷେପରେ

### ଟ୍ରାନ୍ସଫର୍ମରରୁ କଏଲ ନେଇଗଲେ
#### ଅଞ୍ଚଳରେ କଏଲ ଚୋର ଗ୍ୟାଙ୍ଗ ସକ୍ରିୟ

ବଉଳା,୨୮।୧୦(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଟ୍ରାନ୍ସଫର୍ମର କଏଲ ଚୋର ସକ୍ରିୟ ରହିଛନ୍ତି। ପୂର୍ବରୁ ଟ୍ରାନ୍ସଫର୍ମରରୁ କଏଲ ଚୋରି ନେଇ ବହୁ ଅଭିଯୋଗ ହୋଇଛି। ରବିବାର ରାତିରେ ହାଟଡ଼ିହୀ ବ୍ଲକ୍ ସୋସୋ ଥାନା ଅଧୀନ ବୀଣାପାଟିଆରେ ଥିବା ବୀରଭଦ୍ର ରାଇସ ମିଲ୍‌ର ଟ୍ରାନ୍ସଫର୍ମରରୁ ଦୁର୍ବୃତ୍ତ କଏଲ ଚୋରି କରି ନେଇଛନ୍ତି। ମିଲ ମାଲିକ ପବିତ୍ର ମୋହନ ପେଢ଼ା ସୋସୋ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ମିଲ୍‌ର ପାଚେରି ଡେଇଁ ଦୁର୍ବୃତ୍ତ ମିଲ୍ ଭିତରେ ଥିବା ୫୦୦ କେ.ଭିର ଟ୍ରାନ୍ସଫର୍ମରରୁ କଏଲ ଚୋରି କରିନେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିଛିଦିନ ତଳେ ଘଷିପୁରା ଥାନା ଝାଡ଼କୁଣ୍ଡିର କୃପାସିନ୍ଧୁ ପ୍ରଡକ୍ସନ ରାଇସ ମିଲ୍ ପରିସରରେ ଥିବା ଟ୍ରାନ୍ସଫର୍ମରରୁ ୩ କଏଲ ଚୋରି ହୋଇଥିବା ରାଇସ ମିଲ୍‌ର ମାଲିକ ଅରବିନ୍ଦ ସାହୁ ଅଭିଯୋଗ କରିଥିଲେ। ସେହିପରି ଓସ୍ତପୁରା କ୍ରସ୍‌ର ଓ କନ୍ତୋ ପିଚୁ ପ୍ଲାଣ୍ଟରୁ ସମାନ ଢଙ୍ଗରେ ଟ୍ରାନ୍ସଫର୍ମର କଏଲ ଚୋରି ହୋଇଛି। ସେହିପରି ସୋସୋ ଥାନା ମିଠିଗାଁରେ ଏକ ଘରୋଇ ଟ୍ରାନ୍ସଫର୍ମରରୁ ଚୋରି ଉଦ୍ୟମ ବେଳେ ଲୋକ ଜାଣିପାରିବାରୁ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ।

### ଶପଥ ନେଲେ ବିଡିଓ, ତହସିଲଦାର

ପାଟଣା,୨୮।୧୦(ବୀର କିଶୋର ଦାଶ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ପାଟଣା ବ୍ଲକ୍ ସଭାଗୃହରେ ବିଡିଓ ଶିବ ଶଙ୍କର ମୁର୍ମୁ, ତହସିଲଦାର ଲୀଳାବତୀ ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭେନ୍ଦୁ ବଳ, ଜିପିଡିଓ ରଶ୍ମି ରେଖା ମହାନ୍ତି, ଏପିଓ ଦୀପକ ବେହେରା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, କନିଷ୍ଠ ଯନ୍ତ୍ରୀ ଅଜୟ ଝା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧାଂଶୁ ପାଇକରାୟ ପ୍ରମୁଖ ସାମିଲ ହୋଇ ଦୁର୍ନୀତି ନ କରିବା ଶପଥ ପାଠ କରିଥିଲେ।

# ବଡ଼ବିଲରେ ଡେଙ୍ଗୁ ପରୀକ୍ଷା ସୁବିଧା ନାହିଁ

**ବଡ଼ବିଲ,୨୮।୧୦(ଦେବପ୍ରିୟ ରଣା)**

■ପ୍ରତିକାର ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉନି
■ପରୀକ୍ଷା ପାଇଁ କେନ୍ଦୁଝର ସ୍ଥାନାନ୍ତର କରାଯାଉଛି

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ମାତ୍ର ଏବେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ପରୀକ୍ଷା ସୁବିଧା ନ ଥିବାରୁ ରୋଗୀ ସମସ୍ୟା ଭୋଗୁଛନ୍ତି। ରୋଗର ଚିହ୍ନଟ ପାଇଁ ପୂର୍ବରୁ ଏକ ଏଲିଶା ଟେଷ୍ଟିଂ ରିଡର ମେଶିନ ଥିଲା। ତାହା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ନିଆଯାଇଛି। ଫଳରେ ଡେଙ୍ଗୁ ରୋଗ ଚିହ୍ନଟ ପାଇଁ କୌଣସି ସୁବିଧା ନ ଥିବାରୁ ସନ୍ଦେହ ହେଲେ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ଏଥିସହ ଡେଙ୍ଗୁ ପ୍ରତିକାର ପାଇଁ ବଡ଼ବିଲ ପୌର ପ୍ରଶାସନ ପକ୍ଷରୁ ମଧ୍ୟ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି।

ସୂଚନା ଥାଉକି, ୨୦୧୬ରେ ବଡ଼ବିଲରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ସାରା ଦେଶରେ ଚର୍ଚ୍ଚାରେ ରହିଥିଲା। ସରକାରୀ ରିପୋର୍ଟରେ ୧୧୩୮ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ବେସରକାରୀ ହିସାବରେ ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା କୁହାଯାଇଥିଲା। ସେ ସମୟରେ ଡେଙ୍ଗୁ ରୋଗର ଚିହ୍ନଟ ନିମନ୍ତେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଲିଶା ଟେଷ୍ଟିଂ ରିଡର ମେଶିନ ସ୍ଥାପନ ହୋଇଥିଲା। ମାତ୍ର ତାହା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ନିଆଯାଇଥିବାରୁ ଗତ ଜୁଲାଇରୁ ଡେଙ୍ଗୁ ଆକ୍ରାନ୍ତ ଆଶଙ୍କାକରି ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି। ତନ୍ମଧ୍ୟରୁ ସେପ୍ଟେମ୍ବର ୧ରେ ବଡ଼ବିଲ ଶ୍ରୀରାମ ନଗରରେ ବୀର ବିଶ୍ୱକର୍ମା ନାମକ ବ୍ୟକ୍ତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ପୌରାଞ୍ଚଳ ତଥା ଆଖପାଖ ଅଞ୍ଚଳରେ ଥିବା ୯ ଘରୋଇ କମ୍ପାନୀକୁ ପୌରପାଳିକା ପକ୍ଷରୁ ଗତ ଜୁଲାଇ ୨ରେ ଚିଠି କରି ୧୫ ଗୋଟି ୱାର୍ଡରେ ଡେଙ୍ଗୁ ପ୍ରତିରୋଧ ନିମନ୍ତେ ମଶାଧୂଆଁ, ଡେଙ୍ଗୁ ପ୍ରତିରୋଧକ ସିଞ୍ଚନ(ସ୍ପ୍ରେ), ପ୍ରତିଷେଧକ ମଶାରି ବଣ୍ଟନ, ସଚେତନତା କାର୍ଯ୍ୟକ୍ରମ, ଘରକୁ ଘର ବୁଲିବା ଅଭିଯାନ ଆଦି କରିବାକୁ ନିର୍ଦ୍ଦେଶ ରହିଥିଲା। ଜୁଲାଇ ୧୫ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ତଥ୍ୟ ସ୍ୱରୂପ ଫଟୋ ଆଦି ଜରିଆରେ ଜଣାଇବା ନିମନ୍ତେ ଉଲ୍ଲେଖ ରହିଥିଲା। ମାତ୍ର ଦିନେ ଦୁଇ ଦିନ ଫଟୋ, ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶନକରି କାର୍ଯ୍ୟକ୍ରମରେ ପୂର୍ଣ୍ଣଚ୍ଛେଦ ପକାଇଦିଆଯାଇଛି। ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୌଭାଗ୍ୟ ରଶ୍ମିରଞ୍ଜନ ସାମଲ କହିଛନ୍ତି, ତାଙ୍କ ପାଖରେ ଚିହ୍ନଟ ନିମନ୍ତେ କୌଣସି ସୁବିଧା ନାହିଁ। ତେଣୁ ରୋଗୀଙ୍କ ସଂଖ୍ୟା ନେଇ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ। ଡେଙ୍ଗୁ ହୋଇଥିବା ନେଇ ସନ୍ଦେହ ହେଲେ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ସେ କହିଥିଲେ।

# ୪୦୨ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ

**ବଉଳା,୨୮।୧୦(ଦୁର୍ଗା ପ୍ରସାଦ ଆୟଚ)**



କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବାତ୍ୟା ଦାନା ପ୍ରଭାବରେ ୪୦୨ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ପ୍ରଥମ ପର୍ଯ୍ୟାୟ ରିପୋର୍ଟରୁ ଜଣାପଡ଼ିଛି। ତଳି ଅଞ୍ଚଳ ଜମି, ଖାଲ ଜମି, କେନାଲ ପାଣି ମାଡୁଥିବା ଜମିରେ ପାଣି ଜମିରହିବା ସହିତ କିଛି ଧାନଗଛ ପାଣିରେ ଶୋଇପଡ଼ିଥିଲା। କିଛି ଥୋଡ ଧାନ ଓ ଧାନ ହୋଇ ଆସୁଥିବା ଗଛ ନଷ୍ଟ ହୋଇଯିବା ସହିତ ଆଉ କିଛି ଧାନଗଛ ପାଣିରେ ଶୋଇଛି। କୃଷି କାର୍ଯ୍ୟାଳୟ ପକ୍ଷରୁ ସର୍ଭେ କରାଯାଇ ୪୦୨ ହେକ୍ଟର ଚାଷଜମି କ୍ଷତି ହୋଇଥିବା ନେଇ କୃଷି କାର୍ଯ୍ୟାଳୟ ଅଧିକାରୀ ଡ. ଦେବୀପ୍ରସାଦ ଖୁଣ୍ଟିଆ କହିଛନ୍ତି।

# ଜାନୁଆରୀରେ କୃଷ୍ଣଲୀଳା ୨ୟ ରାସ ମହାମଞ୍ଚ

**ଯୋଡ଼ା,୨୮।୧୦(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର ଲୋଇଡ଼ାପଦା ଗ୍ରାମରେ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ କୃଷ୍ଣଲୀଳା ଲୋକନୃତ୍ୟ ସଂଘର ୩ୟ ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବ୍ରହ୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ସଂଘର ତୃତୀୟ ବାର୍ଷିକ ଉତ୍ସବ ଜାନୁୟାରୀ ୭ ରୁ ୯ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦୁଝରର ୫୦ରୁ ଊର୍ଦ୍ଧ୍ୱ କୃଷ୍ଣଲୀଳା ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେହ ଉତ୍ସବକୁ କେନ୍ଦୁଝର ସହିତ ପଡ଼ୋଶୀ ସୁନ୍ଦରଗଡ଼ ଏବଂ ଝାଡ଼ଖଣ୍ଡ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ସଂଘର ଉପ ସଭାପତି ସୁରେଶ ଚନ୍ଦ୍ର ମହାକୁଡ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଲୀଳା ଲୋକନୃତ୍ୟ ସଂଘର ଉପଦେଷ୍ଟା ଅଖିଳ ଚନ୍ଦ୍ର ବାରିକ, ରାଉତରାୟ ଆପଟ୍ଟ, ଯୁଗ୍ମ ସମ୍ପାଦକ ଧବଳେଶ୍ୱର ବାରିକ, କୋଷାଧ୍ୟକ୍ଷ ଭଜମନ ବାରିକ, ସହକାରୀ କୋଷାଧ୍ୟକ୍ଷ ଗଜେନ୍ଦ୍ର ବାରିକ ଓ ହିରଣ୍ୟ ବେହେରା, କାର୍ଯ୍ୟକାରୀ ସଦସ୍ୟ ଅକ୍ଷୟ ଆପଟ୍ଟ, ମିଡ଼ିଆ ସଂଯୋଜକ ବିଜୟ ଖୁଣ୍ଟିଆ, ଲୋଇଡ଼ାପଦା ଗ୍ରାମର ପ୍ରତିନିଧି ଗଜେନ୍ଦ୍ର ଆପଟ୍ଟ ଏବଂ ଲୋକନାଥ ଖିଲାର ପ୍ରମୁଖ ବୈଠକରେ ଯୋଗଦେଇ ପ୍ରସ୍ତାବ ରଖିଥିଲେ।

# ସାଧୁତାର ଶପଥପାଠ କଲେ ଜିଲାପାଳ, ଅଧିକାରୀ



ଜିଲାପାଳ ଓ ଅଧିକାରୀମାନେ ଶପଥ ନେଉଛନ୍ତି।

**କେନ୍ଦୁଝର, ୨୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ସାଧୁତାର ଶପଥ ପାଠ କରାଇଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ କକ୍ଷରୁ ଜିଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଡେପୁଟି କଲେକ୍ଟର ଫିରୋଜ ଖାନ, ଡିଏସ୍‌ପି, ଭିଜିଲାନ୍ସ ୟୁନିଟ୍ କେନ୍ଦୁଝର ସୁଧାଂଶୁ ଶେଖର ପୂଜାରୀ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟଙ୍କ ସମେତ ଜିଲାସ୍ତରର ସମସ୍ତ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ସାଧୁତାର ଶପଥପାଠ କରିଥିଲେ। ଏହି କ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ, ଜିଲାର ସମସ୍ତ ବ୍ଲକ୍‌ର ଓସୱାନ କକ୍ଷ ଏବଂ ସମସ୍ତ ବିଭାଗୀୟ କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଦୁର୍ନୀତିର ମୁଳୋତ୍ପାଟନ ପାଇଁ କାର୍ଯ୍ୟ କରିବାକୁ ଶପଥପାଠ କରିଥିଲେ। ଏହାର ବ୍ୟାପକ ସଚେତନତା ପାଇଁ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ନାଗରିକଙ୍କୁ ସାଧୁତାର ଶପଥ ପାଠ କରେଇବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି। କୃତୀଙ୍କୁ ନଭେମ୍ବର ୨ ତାରିଖ ଦିନ ଦରବାର ହଲଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ।

# ପୌର ଅଧିକାରୀଙ୍କ ଯୋଗଦାନ

ଆନନ୍ଦପୁର,୨୮।୧୦(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦର ନୂତନ ପୌର ଅଧିକାରୀ ଭାବେ ୨୦୨୩ ବ୍ୟାଚ୍ ଆଇଏଏସ(ପି) ପ୍ରେକ୍ଷା ଅଗ୍ରୱାଲ୍ ସୋମବାର ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୧ ଦିନିଆ ପ୍ରୋବେସନରେ ଆନନ୍ଦପୁର ପୌର ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ନୂତନ ପୌର ଅଧିକାରୀ ଯୋଗଦେବା ପରେ ପୌର ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ସୁରେନ୍ଦ୍ର ଦାସ, ସମ୍ବିତ ଦାସ, ମଣିଲତା ରାମ, ରଶ୍ମିତା ବାରିକଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ରହି ପୌର ଅଧିକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ସହିତ ପୌର ପରିଷଦରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ନୂତନ ପୌର ଅଧିକାରୀଙ୍କ ପାଇଁ ଆନନ୍ଦପୁର ପୌର ପରିଷଦରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବଡ଼ ଚ୍ୟାଲେଞ୍ଜ ପାଲଟିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଅସୁରକ୍ଷିତ ଭାବେ ବିଦ୍ୟୁତ୍ ମରାମତି



**ରାମଚନ୍ଦ୍ରପୁର,୨୮।୧୦(ଗଣେଶ୍ୱର ସା)**

କେନ୍ଦୁଝର ଜିଲା ଆନନ୍ଦପୁର ବିଦ୍ୟୁତ୍ ଡିଭିଜନରେ ଅସୁରକ୍ଷିତ ଭାବେ ବିଦ୍ୟୁତ୍ ମରାମତି କରାଯାଉଛି। କମ୍ପାନୀ ପକ୍ଷରୁ ସିଡ଼ି ବ୍ୟବସ୍ଥା ନ କରି ଟ୍ରକ୍ ଉପରେ ବାତ୍ୟାରେ ଛିଡ଼ିଥିବା ତାର ସଂଯୋଗ କରାଯାଉଥିବା ଦେଖାଯାଇଛି। କର୍ମଚାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବାତ୍ୟା ଦାନା ପ୍ରଭାବରେ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ବିଦ୍ୟୁତ୍ ତାର ଛିଡ଼ିଯାଇଥିଲା। ଶନିବାର ଦିନ ଆନନ୍ଦପୁର ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଏହାକୁ ମରାମତି କରୁଥିଲେ। ମାତ୍ର କର୍ମଚାରୀମାନେ ଏକ ଟ୍ରକ ଉପରେ ଛିଡ଼ି ତାରା ସଂଯୋଗ କରୁଥିଲେ। ବିଦ୍ୟୁତ୍ ତାରା ସଂଯୋଗ କରିବାକୁ ବିଭାଗର ସିଡ଼ି ମହଜୁଦ ଥିବା ବେଳେ ରାସ୍ତା ଉପରେ ଟ୍ରକ୍ ରଖି ମରାମତି କରିବାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଉକ୍ତ ସ୍ଥାନରେ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ ହେଁ ବାରଣ କରି ନ ଥିଲେ। ଆନନ୍ଦପୁର ବିଦ୍ୟୁତ୍ ବିଭାଗର ଫିଲ୍ଡ ଅଫିସର୍ ତପନ କୁମାର ସାହୁ କହିଛନ୍ତି, ସେ ଜାଣି ନାହାନ୍ତି। ଯଦି ସେଭଳି ଘଟିଛି, ତେବେ ଆଉ କ'ଣ କରି ପାରିବେ। ଆନନ୍ଦପୁର ବିଦ୍ୟୁତ୍ ଡିଭିଜନର ଏସ୍‌ଡିଓ ପ୍ରତାପ ବେହେରା କହିଛନ୍ତି, ଟ୍ରକ୍ ଉପରେ ଚଢ଼ି ମରାମତି କରିବା ବୋହୁତ ବଡ଼ ଭୁଲ। ଏମିତି ଘଟିଥିଲେ, ତଦନ୍ତ କରି ଉପସ୍ଥିତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିରୋଧ ପରେ କମ୍ପାନୀ ଜନଶୁଣାଣି ସ୍ଥଗିତ

**କେନ୍ଦୁଝର,୨୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସଦର ତହସିଲ ଅନ୍ତର୍ଗତ ଟିକରପଡ଼ା ଓ କାଦଗଡ଼ଠାରେ ଏକ କମ୍ପାନୀ ପକ୍ଷରୁ ମହାଦେଇଯୋଡ଼ାଠାରେ ଆୟୋଜିତ ଜନ ଶୁଣାଣିକୁ ସ୍ଥଗିତ ରଖାଯାଇଛି। କମ୍ପାନୀ ପକ୍ଷରୁ ପ୍ରସ୍ତାବ ପ୍ରକଳ୍ପ ହେବା ସ୍ଥାନରେ ଲୋକେ ଧାନଫସଲ ସହିତ ବିଭିନ୍ନ ପନିପରିବା ଚାଷ କରୁଛନ୍ତି। ଫଳରେ ଏହି ସ୍ଥାନକୁ ସ୍ଥାନୀୟ ଲୋକେ କମ୍ପାନୀକୁ ଦେବେ ନାହିଁ ବୋଲି କହି ବିରୋଧ କରିଥିଲେ।

ସୂଚନା ଅନୁଯାୟୀ, ସଦର ତହସିଲ, ମହାଦେଇଯୋଡ଼ା ମୌଜା, ଖାତା ନମ୍ବର ୨୬୪/୩, ପ୍ଲଟ ନମ୍ବର ୩୩୨, ଏ ୩.୭୦ଡ଼ି କିସମ-ପତିତରେ ଏସାର୍ ମୀନ ମେଟ କମ୍ପାନୀ ତରଫରୁ ବାର୍ଷିକ ୧୪.୩ ଏମଟିପିଏ କ୍ଷମତା ବିଶିଷ୍ଟ ଆଇରନ ଓର୍ ବେନିଫିକେସନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ଆୟୋଜିତ ହୋଇଥିଲା। ଏଥିରେ କେନ୍ଦୁଝର ଜିଲାର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ। ମାତ୍ର ଲୋକଙ୍କ ପ୍ରବଳ ବିରୋଧ ଯୋଗୁ ଜନଶୁଣାଣି ଆରମ୍ଭ ହୋଇ ପାରି ନ ଥିଲା। ଏ ନେଇ ଆଞ୍ଚଳିକ ଅଧିକାରୀ, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରଶାନ୍ତ କର କହିଛନ୍ତି, ଜନଶୁଣାଣି ସ୍ଥଗିତ ରହିଛି। ୧୫ ଦିନ ନୋଟିସ ଦେଇ ପୁଣି କରାଯାଇ ପାରିବ। କାରଖାନା ହେଲେ ଏହି ଅଞ୍ଚଳର ଲୋକଙ୍କ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ଘଟି। ଲୋକମାନେ କର୍ମ ନିଯୁକ୍ତି ସୁଯୋଗ ପାଇବେ ବୋଲି ସେ କହିଥିଲେ।

# ପୋଷାକ ଯୋଗାଣରେ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ

**କେନ୍ଦୁଝର,୨୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)**

## ଜିଲାପାଳଙ୍କୁ ଭେଟିଲା ମହିଳାଗୋଷ୍ଠୀ



ସରକାର ମହିଳା ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇ ମହିଳା ଗୋଷ୍ଠୀଙ୍କୁ ବିଭିନ୍ନ ପ୍ରକାରର କାମ ଯୋଗାଇ ସ୍ୱାବଲମ୍ବି କରୁଛନ୍ତି। କେନ୍ଦୁଝର ଜିଲାରେ ମହିଳାଙ୍କଠାରୁ କାମ ଛଡ଼ାଇ ନିଆଯାଇ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଦିଆଯାଉଥିବା ଅଭିଯୋଗ ହେଉଛି। ଝୁମ୍ପୁରା ବ୍ଲକ୍‌ର ମା' ବିଣାପାଣୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଏଭଳି ଅଭିଯୋଗ କରି ଜିଲାପାଳ ବିଶାଲ ସିଂହଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଓଡ଼ିଶା ସରକାରଙ୍କ ଚିଠି( ନଂ. ୨୩୭୭) ଅନୁସାରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜରିଆରେ ବିଭିନ୍ନ ବିଦ୍ୟାଳୟଗୁଡ଼ିକୁ ପୋଷାକ ଯୋଗାଣ ନେଇ ସ୍ଥିର ହୋଇଛି। ଏହା ଦ୍ୱାରା ଗୋଷ୍ଠୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ହୋଇ ପାରିବ। ତଦନୁଯାୟୀ, ସ୍ଥାନୀୟ ମା' ବିଣାପାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ପୋଷାକ ଯୋଗାଣ ପାଇଁ ଆବଶ୍ୟକ କାଗଜପତ୍ର ଦେଇ ଝୁମ୍ପୁରା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ଆବେଦନର କିଛି ଦିନ ପରେ ବ୍ଲକ୍ ପକ୍ଷରୁ ନିୟୋଜିତ ଅଧିକାରୀ ଗୋଷ୍ଠୀ କାର୍ଯ୍ୟାଳୟକୁ ଆସି ତଦାରଖ କରିଥିଲେ। ଆବଶ୍ୟକ ରିଜଲୁସନ ବୁକ୍, ସିଲେଇ ମେସିନ ଦେଖିଥିଲେ। ଏ ନେଇ ସେମାନଙ୍କୁ କାର୍ଯ୍ୟାଦେଶ ଦେବା ନେଇ ବାରମ୍ବାର କହିଆସୁଥିଲେ। ପରେ ସେମାନଙ୍କୁ ନ ଦେଇ ବ୍ଲକ୍ ଅଫିସକୁ ଡକାଇ କେତେକ ସ୍ଥାନୀୟ ଦୋକାନୀଙ୍କୁ ପୋଷାକ ଯୋଗାଇବାକୁ ଆଦେଶ କରାଯାଇଛି। ଯାହାକି ତାଙ୍କ ପ୍ରତି ପ୍ରତାରଣା ହୋଇଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହାର ପୁର୍ନବିଚାର କରି ସେମାନଙ୍କୁ କାର୍ଯ୍ୟାଦେଶ ଦେଇ ସରକାରଙ୍କ ମହିଳା ସଶକ୍ତିକରଣ ଆଦେଶକୁ କାର୍ଯ୍ୟକାରୀ କରି ଉକ୍ତ କାର୍ଯ୍ୟର ଆଦେଶ ତାଙ୍କୁ ଦେବାକୁ ସେମାନେ ନିବେଦନ କରିଛନ୍ତି।

### ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଉପଲକ୍ଷେ ମିନି ମାରାଥନ

କେନ୍ଦୁଝର,୨୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): ଆସନ୍ତାକାଲି ପାଳିତ ହେବାକୁ ଥିବା ଓ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ନେଇ କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏକ ମିନି ମାରାଥନ ଆୟୋଜିତ ହୋଇଯାଇଛି। ମାରାଥନକୁ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ଉମାଶଙ୍କର ଦଳାଇ, ଜିଲା ଅପାତକାଳୀନ ଅଧିକାରୀ ବିକାଶ ଚନ୍ଦ୍ର ସାହୁ, ଡେପୁଟି କଲେକ୍ଟର ମହମ୍ମଦ ଫିରୋଜ ଖାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବୋଦାପଲସାସ୍ଥିତ ଚନ୍ଦ୍ରଶେଖର ବିଦ୍ୟାଳୟରୁ ଅରମ୍ଭ ହୋଇ ମାରାଥନ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଏଏନ୍‌ଏମ୍ କେନ୍ଦ୍ର

**ଚମ୍ପୁଆ,୨୮।୧୦(ମହେଶ୍ୱର ଦାସ)**



ଏନ୍‌ଏମ୍ କେନ୍ଦ୍ର।

■ପ୍ରବେଶ ପଥରେ ତାଜା ଝୁଲି ରହିଛି
■ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ରଜିଆ ପଞ୍ଚାୟତ ଅନ୍ତର୍ଗତ କଞ୍ଚନପୁର ଏଏନ୍‌ଏମ୍ କେନ୍ଦ୍ର ବିପଦସଙ୍କୁଳ ଅବସ୍ଥାରେ ପଡ଼ି ରହିଛି। ପ୍ରବେଶ ପଥର ମୁଣ୍ଡ ଉପରେ ତାଜା ଝୁଲି ରହିଥିବା ବେଳେ ଗୃହ ବ୍ୟବହାର ଅନୁପୋଯୋଗୀ ହୋଇପଡ଼ିଛି। ଏଏନ୍‌ଏମ୍ ପ୍ରଣତି ମହାନ୍ତ ବାଧ ହୋଇ ନିକଟ ଅଙ୍ଗନୱାଡିରେ ଆନୁସାଙ୍ଗିକ କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ୨୦୦୮ରେ ଏଏନ୍‌ଏମ୍ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ସହିତ ଏଏନ୍‌ଏମଙ୍କ ରହିବା ନିମନ୍ତେ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଅଳ୍ପ ଦିନ ବ୍ୟବଧାନରେ ଏଏନ୍‌ଏମ୍‌ଙ୍କ ଅନୁପସ୍ଥିତିରେ ଦୁର୍ବୃତ୍ତ ସ୍କାଇଲାଇଟ୍ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ। ଉକ୍ତ ଦିନଠାରୁ ବାସପଯୋଗୀ ଘରଟି ଅସୁରକ୍ଷିତ ହୋଇପଡ଼ିଥିଲା। ଦିନରେ ଏଏନ୍‌ଏମ୍ ସେଠାରେ କାର୍ଯ୍ୟାଳୟ ଚଳାଇବା ସହିତ ଶିଶୁ ଓ ମାତୃଙ୍କ ପାଇଁ ଉର୍ଦ୍ଦିଷ୍ଟ ସରକାରୀ ଟୀକାକରଣ ସହିତ ଆବଶ୍ୟକ ସେବା ଯୋଗାଇ ଆସୁଥିଲେ। ହେଲେ ଗତ ୩ ମାସ ତଳେ ଟୀକାକରଣ କେନ୍ଦ୍ରରୁ ସମ୍ମୁଖ ଭାଗ ତାଜା ଧିରେ ଧିରେ ନଇଁ ଆସି କେନ୍ଦ୍ରକୁ ଚାପିଦେଇ ବିପଦସଙ୍କୁଳ ହୋଇ ପଡ଼ିରହିଛି। ଏ ନେଇ ଏଏନ୍‌ଏମ୍ ମହାନ୍ତ ବିଭଗୀୟ ଅଧିକାରୀ ଭଣ୍ଡା ଓ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରିଥିଲେ। ଆଜି ପର୍ଯ୍ୟନ୍ତ ତାହା ମରାମତି ହୋଇପାରିଲାନାହିଁ। ଫଳ ସ୍ୱରୂପ ଟିକାରଣଠାରୁ ଆରମ୍ଭ କରି ମାତୃ ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ନିକଟ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ସମସ୍ୟା ଭିତରେ କରିବାକୁ ବାଧ ହେଉଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ସନ୍ତୋଷ ନାଏକ କହିଛନ୍ତି, ତାଙ୍କୁ ମୌଖିକ ଭାବେ ଏ ନେଇ ଅବଗତ କରାଯାଇଥିଲା। ସେ ଖୁବ୍‌ଶୀଘ୍ର ଉକ୍ତ ସ୍ଥାନକୁ ଯାଇ ଦେଖିବା ପରେ ପଞ୍ଚାୟତ ଫଣ୍ଡରୁ ତାହା ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ

### ଚିକିତ୍ସା ଅବହେଳାର...

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍‌ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୮ କୋଟି ପାଇଁ...

ହୋଇଥିଲା। ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା। ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା। ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

